

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୧ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 MAY 2021
Vol.No. 32 ■ No. 129 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କଲେ ରାଜ୍ୟ ସରକାର

## ବାତ୍ୟା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ଏସଆରସିଙ୍କ ଚିଠି



ଭୁବନେଶ୍ୱର,୨୦/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ୟସ୍' ପାଇଁ ପ୍ରସ୍ତୁତ ରହିବାପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନର ମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ପ୍ରଭାବିତ ହେବାକୁ ଥିବା ଉପକୂଳବର୍ତୀ ଜିଲ୍ଲାମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସ୍ୟଜୀବୀମାନେ ୨୩ ତାରିଖ ପୂର୍ବରୁ ଫେରି ଆସିବାକୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ସାମ୍ନା କରିବା ପାଇଁ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ରାଜ୍ୟର ପ୍ରଭାବିତ ହେବାର ସମ୍ଭାବନା ଥିବା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର, ନୟାଗଡ, ଖୋର୍ଦ୍ଧା, କଟକ, ଗଜପତି ଜିଲ୍ଲାଗୁଡିକର ଜିଲ୍ଲାପାଳ, ପୋଲିସ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ଅଗ୍ନିଶମ ସେବା ଅଧିକାରୀଙ୍କ ସହ ପ୍ରାକ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥି ସହିତ ରାଜ୍ୟସ୍ତରରେ ସଂପୃକ୍ତ ସମସ୍ତ ବିଭାଗକୁ ପ୍ରାକ ପ୍ରସ୍ତୁତି କରିବାକୁ ଜଣାଇ ଦିଆଯାଇଛି। ସମସ୍ତ ଜିଲ୍ଲା ପ୍ରଶାସନ ସେମାନଙ୍କର ଅଧିକାରୀମାନଙ୍କ ଦ୍ୱାରା ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଗୁଡିକୁ ବ୍ୟବହାର ଉପଯୋଗୀ କରିବା ନିମନ୍ତେ କାର୍ଯ୍ୟାରମ୍ଭ କରିଛନ୍ତି। ଆଶ୍ରୟସ୍ଥଳୀଗୁଡିକରେ ବିକଳ୍ପ ବିଦ୍ୟୁତ ଯୋଗାଣ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଇତ୍ୟାଦି ଉପରେ ତଦାରଖ କରିଛନ୍ତି। ସ୍ଥାନାନ୍ତରଣ ସମୟରେ ବିଶେଷକରି ବୃଦ୍ଧବୃଦ୍ଧା, ଅସୁସ୍ଥ ବ୍ୟକ୍ତି, ଭିନ୍ନକ୍ଷମ, ଗର୍ଭବତୀ ମହିଳା, ପ୍ରସୂତି ଏବଂ ଶିଶୁମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବାକୁ ବ୍ୟବସ୍ଥା କରାଯାଇଛି। ସଂପୃକ୍ତ ଅଂଚଳର ଡାକ୍ତରଖାନାରେ ବିକଳ୍ପ ବିଦ୍ୟୁତ ଯୋଗାଣ ପାଇଁ ଜେନେରେଟର ବ୍ୟବସ୍ଥା ମଧ୍ୟ କରାଯାଉଛି। ଅଗ୍ନିଶମ ବାହିନୀ, ଓଡ୍ରାଫ ଏବଂ ଏନଡିଆରଏଫ କର୍ମଚାରୀମାନେ ସେମାନଙ୍କର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଛନ୍ତି। ବାତ୍ୟା ପୂର୍ବ ଓ ପରେ ଅତ୍ୟାବଶ୍ୟକ ଦ୍ରବ୍ୟର ଉପଲବଧତାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଅଛି। ଜିଲ୍ଲାର ମତ୍ସ୍ୟ ଓ ପଶୁ ସଂପଦ ଅଧିକାରୀଙ୍କ ଦ୍ୱାରା ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ସତର୍କ କରାଯାଇଛି। ମତ୍ସ୍ୟଜୀବୀମାନଙ୍କ ବସ୍ତିରେ ଏ ସମ୍ବନ୍ଧରେ ଜନସଚେତନତା ପାଇଁ ମାଇକ ଯୋଗେ ସୂଚନା ପ୍ରଦାନ କରାଯାଉଛି। ନଗର ଉନ୍ନୟନ ବିଭାଗ, ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ▶▶ପୃଷ୍ଠା ୭

# ବ୍ଲାକ୍ ଫଙ୍ଗସକୁ ମହାମାରୀ ଘୋଷଣା କଲା ଓଡିଶା



ଭୁବନେଶ୍ୱର,୨୦/୦୫ (ନି.ପ୍ର): ବ୍ଲାକ୍ ଫଙ୍ଗସକୁ ମହାମାରୀ ଘୋଷଣା କଲେ ରାଜ୍ୟ ସରକାର । ମହାମାରୀ ଘୋଷଣା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ମହାମାରୀ ଘୋଷଣା କରିବାକୁ କେନ୍ଦ୍ର ପରାମର୍ଶ ଦେଇଥିଲା। ରାଜ୍ୟରେ ବ୍ଲାକ ଫଙ୍ଗସ ରୋଗୀ ଚିହ୍ନଟ ହେବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ପୂର୍ବରୁ ତେଲେଙ୍ଗାନା ଓ ରାଜସ୍ଥାନ ସରକାର ଏହାକୁ ମହାମାରୀ ଘୋଷଣା କରିଛନ୍ତି । କରୋନା ସଂକ୍ରମିତଙ୍କ ଠାରେ ଏହି ରୋଗ ଦେଖିବାକୁ ମିଳୁଛି। ଏହି ରୋଗରେ ସଂକ୍ରମିତ ହେବା ପରେ ରୋଗୀଙ୍କର ଆଖି ନଷ୍ଟ ହୋଇଯାଉଛି। ଏହି ରୋଗରେ ପୀଡିତ ଜଣେ ବ୍ୟକ୍ତିଙ୍କର ଗତକାଲି ଦିଲ୍ଲୀ ମୂଳଚନ୍ଦ ହସ୍ପିଟାଲରେ ମୃତ୍ୟୁ ହୋଇଛି। ଏହାକୁ ନଜରରେ ରଖି ତେଲେଙ୍ଗାନା ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶ ମୁତାବକ ଏହି ରୋଗରେ ପୀଡିତ ହୋଇ ଆସୁଥିବା ଲୋକମାନଙ୍କର ସୂଚନା ତୁରନ୍ତ ସରକାରଙ୍କ ନିକଟରେ ପହଂଚାଇବାକୁ କୁହାଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଓଡ଼ିଶାରେ ଏପର୍ଯ୍ୟନ୍ତ ୫ଜଣରୁ ଅଧିକ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛି। ସମସ୍ତ ରୋଗୀ ଏବେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ସରକାର ଏହି ସମସ୍ତ ରୋଗୀଙ୍କ ଉପରେ ନଜର ରଖିଛନ୍ତି।

# ଏବେ କେବଳ ୪ ଘଂଟା ଖୋଲା ରହିବ ବ୍ୟାଙ୍କ୍

ଭୁବନେଶ୍ୱର,୨୦/୦୫ (ନି.ପ୍ର): ଦେଶରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ସାରା ଦେଶର ବ୍ୟାଙ୍କ ମାନଙ୍କୁ କାର୍ଯ୍ୟ ନିର୍ଘଣ୍ଟ କମ୍ କରିବାକୁ ପରାମର୍ଶ ଦେଇଛି । ଆଇବିଏର ପରାମର୍ଶ ମୁତାବକ କେବଳ ସକାଳ ୧୦ ଟାରୁ ଦିନ ୨ ଟା ପର୍ଯ୍ୟନ୍ତ ବ୍ୟାଙ୍କ ଖୋଲା ରହିବ । ବ୍ୟାଙ୍କ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତମାସ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତିର ସଂଯୋଜକ କହିଥିଲେ କି ଦେଶରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଶାଖା ମାନଙ୍କର ମାନକ ପରିଚାଳନା ପ୍ରକ୍ରିୟା (ଏସ୍ .ଓ.ପି) ର ପରିବର୍ତ୍ତନ କରାଯାଇ ପାରିବ ।

# ଏମ୍‌କେସିଜିରେ ତରଳ ମେଡ଼ିକାଲ୍ ଅକ୍ସିଜେନ୍ ପ୍ଲାଂଟ ଉତ୍ସର୍ଗ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରେ ଏକ ତରଳ ମେଡିକାଲ ଅକ୍ସିଜେନ୍ ପ୍ଲାଂଟ ଉତ୍ସର୍ଗ କରିଛନ୍ତି । ଏହା ଦକ୍ଷିଣ ଓଡ଼ିଶାର ଜିଲ୍ଲାମାନଙ୍କରେ ବିଶେଷ କରି ଗଞ୍ଜାମର ଆବଶ୍ୟକତା ପୂରଣ କରୁଥିବା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରେ ଅକ୍ସିଜେନ୍ ସିଲିଣ୍ଡର ଅଭାବକୁ ଦୂର କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୂଲ୍ୟବାନ ଜୀବନ ବଂଚାଇବା ପାଇଁ ସରକାର ସବୁମତେ ପଦକ୍ଷେପ ନେଉଛନ୍ତି ବୋଲି ପ୍ରତିଶ୍ରୁତି ଦେବା ସହିତ ଅମ୍ଳଜାନ ଯୋଗାଣ ପରିଚାଳନାକୁ ପ୍ରତି ଘଂଟାରେ ତଦାରଖ କରାଯାଉଛି ବୋଲି କହିଛନ୍ତି। ସେ ପୁନଶ୍ଚ କହିଛନ୍ତି ଯେ ଅକ୍ସିଜେନ୍ ସିଲିଣ୍ଡର କ୍ରୟ, ଅମ୍ଳଜାନ ଉତ୍ପାଦନ ପ୍ରକଳ୍ପ ପ୍ରତିଷ୍ଠା, ତରଳ ମେଡିକାଲ ଅମ୍ଳଜାନ ପାଇଁ କଂଟେନର ବିନିଯୋଗ ମାଧ୍ୟମରେ ରାଜ୍ୟ ଅମ୍ଳଜାନ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରୁଛି। ଭବିଷ୍ୟତର ଅକ୍ସିଜେନ ଆବଶ୍ୟକତା ଓ ପରିଚାଳନାକୁ ଦୃଷ୍ଟିରେ ରଖି ଏକ ଟାସ୍କଫୋର୍ସ ଗଠନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମହାମାରୀ ବିରୋଧରେ ହେଉଥିବା ଲଢ଼େଇରେ ସହଯୋଗ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସହିତ ସମ୍ମିଳିତ ଭାବରେ ଆମେ ସମସ୍ତେ ଏହି ଭୂତାଣୁକୁ ଦମନ କରିପାରିବା ଓ ଖୁବଶୀଘ୍ର ସ୍ୱାଭାବିକ ଅବସ୍ଥାକୁ ଫେରିପାରିବା ବୋଲି ଆଶା ପ୍ରକଟ କରିଛନ୍ତି। ମହାମାରୀକୁ ରୋକିବାରେ ଗଞ୍ଜାମବାସୀଙ୍କ ▶▶ପୃଷ୍ଠା ୭

# ରାଉରକେଲାରେ ୧୦୦ଟି ଭେଂଟିଲଟର ଆଇସିୟୁ ବେଡ ଲୋକାର୍ପିତ



ନୂଆଦିଲ୍ଲୀ/ସୁନ୍ଦରଗଡ,୨୦/୦୫ (ନି.ପ୍ର): ଓଡିଶାର କର୍ପୋରେଟ ଅନୁଷ୍ଠାନ ଗୁଡ଼ିକ ବିଶେଷ ଭାବରେ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ପକ୍ଷରୁ ଓଡ଼ିଶାରେ ପାଖାପାଖି ୫ ହଜାର କୋଭିଡ୍ ବେଡ୍ ଏବଂ ୧ ହଜାରରୁ ଉର୍ଦ୍ଧ୍ୱ ଭେଂଟିଲେଟରର ବ୍ୟବସ୍ଥା କରାଯାଉଥିବା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ନୂଆଦିଲ୍ଲୀରୁ ଭର୍ଚୁଆଲ ପ୍ଲାଟଫର୍ମରେ ସେଲ୍ ରାଉରକେଲା ଇସ୍ପାତ କାରଖାନାର "ଇସ୍ପାତ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ୍ ଏବଂ ସୁପର ସ୍ପେଶାଲିଟି" ହସ୍ପିଟାଲରେ ୧୦୦ଟି ଭେଂଟିଲେଟର ସହ ଆଇସିୟୁ ବେଡର ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ▶▶ପୃଷ୍ଠା ୭

# ଡ. ହୃଷିକେଶ ମଲ୍ଲିକ ହେଲେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଓ ଅରୁଣା ମହାନ୍ତି ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଭାପତି



ଭୁବନେଶ୍ୱର,୨୦/୦୫ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ଡ. ହୃଷିକେଶ ମଲ୍ଲିକ ନିଯୁକ୍ତି ମିଳିଥିବା ବେଳେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଭାପତି ଭାବେ ଶ୍ରୀମତୀ ଅରୁଣା ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀର ସଭାପତି, ଉପସଭାପତି ଓ ସଚିବ ପଦବୀ ପୂରଣ ପାଇଁ ମନୋନୟନ କମିଟି ଦ୍ୱାରା ପ୍ରସ୍ତାବିତ ନାମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ଅନୁମୋଦନ କ୍ରମେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି,ଭାବେ ଯଥାକ୍ରମେ ଡ. ହୃଷିକେଶ ମଲ୍ଲିକ୍, ଉପସଭାପତି ସଂଗ୍ରାମ ଜେନା ଓ ଓ ସଚିବ ଭାବେ ପ୍ରବୋଧ କୁମାର ରାଉତ (ଓକାକ୍ ରେ କାର୍ଯ୍ୟରତ ▶▶ପୃଷ୍ଠା ୭

# ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କ ବଡପୁଅ ଯଶୋବନ୍ତଙ୍କ ପରଲୋକ



ଭୁବନେଶ୍ୱର,୨୦/୦୫ (ନି.ପ୍ର): ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କ ବଡପୁଅ ଯଶୋବନ୍ତ ମହାପାତ୍ରଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ଚଳିତ ମାସ ୯ ତାରିଖରେ କରୋନାରେ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କର ଦେହାନ୍ତ ହୋଇଥିଲା। ୧୯ ତାରିଖ ଅର୍ଥାତ୍ ଗତକାଲି ପ୍ରାଣ ହରାଇଥିଲେ ତାଙ୍କ ସାନ ପୁଅ ତଥା ପୂର୍ବତନ ରଣଜୀ କ୍ରିକେଟର ପ୍ରଶାନ୍ତ ମହାପାତ୍ର। ଏହାପରେ ଗୁରୁବାର ଆଖିବୁଜିଛନ୍ତି ବଡପୁଅ ଯଶୋବନ୍ତ। ୧୨ ଦିନ ଭିତରେ ଗୋଟିଏ ପରିବାରରୁ ତିନି ଜଣଙ୍କ ବିୟୋଗରେ ପୂରା ପରିବାର ଦୁଃଖରେ ଭାଙ୍ଗି ପଡିଛି।

# ଦେଶରେ ଅଧା ଲୋକ ମାସ୍କ ପିନ୍ଧୁନାହାନ୍ତି : ସୂଚନା ଦେଲା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ

ନୂଆଦିଲ୍ଲୀ,୨୦/୦୫ : କରୋନା ମହାମାରୀ ଦେଶକୁ କବଳିତ କରି ରଖିଥିଲେ ବି ଦେଶର ଅନେକ ଲୋକ ଏବେ ବି ସତର୍କତା ଅବଲମ୍ବନ କରୁନାହାନ୍ତି । ଏକ ଅଟକଳ ଅନୁସାରେ ଦେଶର ମୋଟ ଜନସଂଖ୍ୟାର ଅଧା ମାସ୍କ ପିନ୍ଧୁନାହାନ୍ତି । ଯେଉଁକି ଲୋକ ମାସ୍କ ପିନ୍ଧୁଛନ୍ତି ସେମାନଙ୍କ ମଧ୍ୟରୁ ୬୪ ପ୍ରତିଶତ ମାସ୍କ ତ ପିନ୍ଧୁଛନ୍ତି କିନ୍ତୁ ତାହା କେବଳ ପାଟିକୁ ଆବୃତ କରୁଛି ଓ ନାକ ଖୋଲା ରହୁଛି । ୨୦ ପ୍ରତିଶତ ଲୋକ ଥୋଡ଼ିରେ ଓ ୨ ପ୍ରତିଶତ ବେକରେ ମାସ୍କ ପିନ୍ଧୁଛନ୍ତି । ମାସ୍କ ପିନ୍ଧୁଥିବା ଲୋକଙ୍କ ମଧ୍ୟରୁ ମାତ୍ର ୧୪ ପ୍ରତିଶତ ଲୋକ ଠିକଭାବରେ ମାସ୍କ ପିନ୍ଧୁଛନ୍ତି ବୋଲି କେନ୍ଦ୍ର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି । ଓଡ଼ିଶା ସମେତ ଦେଶର ୨୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ପଜିଟିଭିଟି ହାର ୧୫ ପ୍ରତିଶତରୁ ଅଧିକ ରହିଛି । ଓଡ଼ିଶାରେ ଗତ ୧୩ରୁ ୧୯ ମେ ସପ୍ତାହରେ ପଜିଟିଭିଟି ହାର ୨୨.୫ ପ୍ରତିଶତକୁ ହ୍ରାସ ପାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି । ବିଗତ କିଛି ଦିନ ହେଲା ଦେଶରେ ନିୟମିତଭାବେ ସଂକ୍ରମଣ କମିଚାଲିଛି , ଗତ ୨୪ ଘଣ୍ଟାରେ ଦେଶରେ ପ୍ରାୟ ୨.୭୬ ଲକ୍ଷ ନୂଆ ମାମଲା ଦେଖାଦେଇଛି । ତାହା ମଧ୍ୟରୁ ୭୭ ପ୍ରତିଶତ ମାମଲା ୧୦ଟି ରାଜ୍ୟରେ ଚିହ୍ନଟ ହୋଇଛି ବୋଲି ସେ କହିଛନ୍ତି । ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ,ଗୁଜୁରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଗତ ୩ ସପ୍ତାହ ହେଲା ପଜିଟିଭିଟି ହାରରେ ହ୍ରାସ ପରିଲକ୍ଷିତ ହୋଇଛି । ତାମିଲନାଡୁ ଓ ଉତ୍ତର-ପୂର୍ବରାଜ୍ୟ ଯେପରିକି ମେଘାଳୟ, ତ୍ରିପୁରା, ମିଜୋରାମ, ମଣିପୁର, ସିକ୍କିମ ଓ ନାଗାଲାଣ୍ଡରେ ଦ୍ରୁତଗତିରେ ସଂକ୍ରମଣ ହାର ବୃଦ୍ଧି ପାଇଚାଲିଛି ବୋଲି ସେ କହିଛନ୍ତି ।

# ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା : ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୨୦/୦୫(ନି.ପ୍ର): ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ଏଥି ସହିତ ଅନେକ ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ବି ରହିଛି । ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ସେହିପରି କାଳବୈଶାଖୀ ଓ ବଜ୍ରପାତ ଆଶଙ୍କା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼, ▶▶ପୃଷ୍ଠା ୭

# କେରଳରେ ଇତିହାସ ରଚିଲା ବାମ ମେଣ୍ଟ : ୨୦ ମନ୍ତ୍ରୀଙ୍କ ସହ ଶପଥ ନେଲେ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ



ନୂଆଦିଲ୍ଲୀ,୨୦/୦୫: ସମ୍ପୂର୍ଣ୍ଣ କୋଭିଡ କଟକଣା ଭିତରେ ଆଜି ଦ୍ୱିତୀୟଥର ପାଇଁ କେରଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସିପିଆଇଏମ୍ ନେତା ପିନାରାଇ ବିଜୟନ । ଥିରୁଅନ୍ତପୁରମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେରଳର ରାଜ୍ୟପାଳ ଆରିଫ୍ ମହମ୍ମଦ ମୁଖ୍ୟମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ୨୦ ଜଣ ବିଧାୟକ ବି ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ପିନାରାଇ ବିଜୟନଙ୍କ ମନ୍ତ୍ରୀ ମଣ୍ଡଳରେ ସିପିଆଇ ଓ ସିପିଏମ ବ୍ୟତୀତ ଏନସିପିରୁ ଏ.କେ ଶଶିନ୍ଦ୍ରନ, ଇଣ୍ଡିଆନ ନ୍ୟାସନାଲ ଲିଗ୍ ରୁ ଅହମ୍ମଦ ଦେବରକୋଭିଲ, ଆର ବିନ୍ଦୁ ଓ ପିଏ ମହମ୍ମଦ ରିୟାଜ ପ୍ରମୁଖ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । କହିରଖୁ କି କେରଳ ବିଧାନସଭା ପାଇଁ ଏପ୍ରିଲ ୬ ତାରିଖରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହୋଇଥିଲା । ଏହାପରେ ମେ ୨ ତାରିଖରେ ଭୋଟ ଗଣିତି ହୋଇଥିଲା ଏଥିରେ ବାମ ଗଣତାନ୍ତ୍ରିକ ମେଣ୍ଟ(ଏଲଡିଏଫ୍) ବହୁମତ ହାସଲ କରିଥିଲା । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ଦଳ କଂଗ୍ରେସ ନେତୃତ୍ୱାଧିନ ୟୁଡିଏଫ ଓ ବିଜେପି ନେତୃତ୍ୱାଧିନ ଏନଡିଏକୁ ହରାଇ ୯୯ ଟି ଆସନରେ ବିଜୟୀ ହୋଇଥିଲା । ନିର୍ବାଚନ ଫଳାଫଳ ମୁତାବକ ୟୁଡିଏଫ୍ ୪୧ ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ଗୋଟିଏ ବି ଆସନରେ ବିଜୟୀ ହୋଇପାରି ନଥିଲା ।

# ବୃଦ୍ଧଙ୍କ କ୍ଷତାକ୍ତ ଶବ ଉଦ୍ଧାର : ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କନ୍ଧମାଳ, ୨୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଫରିଙ୍ଗିଆ ଥାନା ଅଂଚଳରେ ଥିବା ଭୃଙ୍ଗିଯୋଡି ଗାଁ ନିକଟରେ ଥିବା ଘାଇ ପଛପଟର ଏକ ନାଳରେ ଜଣେ ବୃଦ୍ଧଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର କରିଛି ଫିରିଙ୍ଗିଆ ଥାନା ପୋଲିସ । ମୃତକ ଜଣକ ଭୃଙ୍ଗିଯୋଡି ଗାଁ ର ଦନେଇ କହଁର (୬୫) ବୋଲି ଜଣାପଡିଛି । ଶବ ମିଳିଥିବା ସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତି ଅନୁସାରେ ଘଟଣା ଏକ ହତ୍ୟା କାଣ୍ଡ ବୋଲି କହିଛନ୍ତି ସ୍ଥାନୀୟ ଲୋକେ । ସୂଚନା ପାଇ ଫିରିଙ୍ଗିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦସରଥ ହେମ୍ବ୍ରମ୍ ଘଟଣା ସ୍ଥଳରେ ପହଂଚି ଶବକୁ ଚିହ୍ନଟ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ସଦରମହକୁମା ଡାକ୍ତରଖାନାକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ୭/୨୧ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ତେବେ ମୃତ ଦନେଇ ଗତ ମଙ୍ଗଳବାର ସଂନ୍ଧ୍ୟାରୁ ଭୃଙ୍ଗିଙ୍ଗେଯାଡି ଗାଁର ଲଦେ କହଁରଙ୍କ ସହିତ ନିକଟରେ ଥିବା ଘାଇକୁ ବୁଲିବାକୁ ଯାଇ ଆଉ ଫେରିନାହାନ୍ତି ଦନେଇ ବୋଲି ପରିବାର ଲୋକେ କହିଛନ୍ତି । ତେବେ ଲଦେ କହଁର ବିଳମ୍ୱିତ ରାତିରେ ଘରକୁ ଫେରିଥିବା ନେଇ ଦନେଇଙ୍କ ପରିବାର ଲୋକେ ଯାଣିବାକୁ ପାଇଥିଲେ । ପରଦିନ ଦନେଇଙ୍କ ପରିବାର ଲୋକେ ପରଦିନ ସକାଳୁ ତାଙ୍କୁ ଖୋଜାଖୋଜି କରିବା ପରେ ଘଟଣା ସ୍ଥଳରେ ଯାଇ ଦନେଇଙ୍କ ଶବକୁ ଦେଖିଥିଲେ ।

# ଜୟପୁର ଘାଟି ତଳକୁ ଖସିଲା ଗ୍ୟାସ ଟ୍ୟାଙ୍କର

ଜୟପୁର, ୨୦/୫ (ନି.ପ୍ର): ଘାଟି ତଳକୁ ଗ୍ୟାସ ଟ୍ୟାଙ୍କର ଖଳି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ଜୟପୁର ଦେଇଯାଇଥିବା ଜାତିୟ ରାଜପଥ ୨୬ର କୋରାପୁଟ ଘାଟିର କାଳି ଭୈରବି ମନ୍ଦିର ନିକଟରେ ଦୁର୍ଘଟଣା ଘଟିଛି । ଘାଟି ନିକଟରେ ଏକ ଟ୍ରକ ଅଚଳ ହୋଇ ରହିଥିଲା । ସେହି ଟ୍ରକକୁ ସାଇଡ କରି ଯିବାବେଳେ ଭାରସ୍ୟାମ ରକ୍ଷା କରିନପାରି ଓଲଟି ପଡିଥିଲା । ଟେଙ୍କରଟି ଘାଟିର ୨୫ ଫୁଟ ତଳୁ ଖସି ପଡିଥିଲା । ଏକ ଗ୍ୟାସ ବେଝେଇ ଟ୍ୟାଙ୍କର ବିଶାଖାପାଟଣାରୁ ରାୟପୁର ଯାଉଥିବାବେଳେ ଭାରସ୍ୟାମ ହରାଇ ଘାଟି ତଳକୁ ଟେଙ୍କର ଖସିପଡିଥିଲା । ଡ୍ରାଇଭର ଟେଙ୍କରରେ ଚାପି ହୋଇଯାଇଥିବାବେଳେ ଘଟଣା ସ୍ଥଳରେ ଓଡ୍ରାଫ, ଦମକଳ ବିଭାଗ. ଆମ୍ବୁଲାନ୍ସ ପୋଲିସ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ । ଓଡ୍ରାଫ ଟିମର ବହୁ ଉଦ୍ୟମରେ ଡ୍ରାଇଭରକୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସେପଟେ ଟେଙ୍କରରେ ଗ୍ୟାସ ଭର୍ତି ହୋଇ ରହିଥିବାବେଳେ ଲିକ୍ ହେବା ଆରମ୍ଭ ହୋଇଛି । ଗରମ ଯୋଗୁଁ ବ୍ଲାଷ୍ଟ ହେବାର ଆଶଙ୍କା ଥିବାରୁ ଦମକଳ ବିଭାଗ ତରଫରୁ ଟ୍ୟାଙ୍କରେ ପାଣି ପକାଯାଉଛି । ବର୍ତମାନ ଟେଙ୍କର ବ୍ଲାଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଘଟଣା ସ୍ଥଳରେ ଅବଦୁଲ ମହମ୍ମଦ ଅକ୍ତର, ଉପ ଜିଲାପାଳ ହେମକାନ୍ତ ସାୟ, ଏସଡିପିଓ ଅରୁପ ଅଭିଶୋକ ବେହେରା. ସଦର ପୋଲିସ, ଆରଟିଓ, ଦମକଳ ବିଭାଗ ପହଞ୍ଚିଥିଲେ । ସେପଟେ ଜୟପୁର-କୋରାପୁଟ ରାସ୍ତାରେ ଗାଡି ଚଳାଚଳ ବନ୍ଦ କରାଯାଇଛି । ଗ୍ୟାସକୁ ଅନ୍ୟ ଏକ ଟେଙ୍କରେ କଢାଯିବା ପାଇଁ ଏଲପିଜି ଗ୍ୟାସର ଏକ ଟିମ ପହଂଚିବା ପରେ ଟ୍ୟାଙ୍କରକୁ ସେଠାରୁ କଢାଯାଇ ପାରିବ ବୋଲି ଜୟପୁର ଅଗ୍ନିସମ ଅଧିକାରି ପ୍ରଶାନ୍ତ କୁମାର ଅଧିକାରି କହିଛନ୍ତି । ଦୁର୍ଘଟଣା ଯୋଗୁଁ କୋରାପୁଟ ଜୟପୁର ରାସ୍ତା କୁ ବନ୍ଦ କରାଯାଇଥିବା ବେଳେ କୋରାପୁଟ- ରାଣିଗଡ-ବୋରିଗୁମ୍ମା ରାସ୍ତାରେ ଗାଡି ମୋଟର ଯିବା ପାଇଁ ଜିଲାପାଳ ନିଦ୍ଦେଷ ଦେଇଛନ୍ତି । ପରବର୍ତି ନିର୍ଦ୍ଦେଷନାମା ଯାଏ ଏହି ରାସ୍ତାରେ ଚଳପ୍ରଚଳ କରିବାକୁ ନିର୍ଦ୍ଦେଷ ଦେଇଛନ୍ତି । ଉଦ୍ଧାର କାର୍ଯ୍ୟ ଶେଷହେବା ପର୍ଯ୍ୟନ୍ତ ଜୟପୁର କୋରାପୁଟ ରାସ୍ତାରେ ଗାଡି ଚଳା ଚଳ ବନ୍ଦ ରହିବ ବୋଲି ଜିଲାପାଳ ନିର୍ଦ୍ଦେଷ ଦେଇଛନ୍ତି ।

# ପାଣିକୋଇଲି ଥାନା, ଡାକ୍ତରଖାନା ଓ ବ୍ୟାଙ୍କ ସାନିଟାଇଜ କଲା 'ଆମେ ବିପଦରେ ସାଥୀ

କୋରାଇ, ୨୦/୫ (ନି.ପ୍ର): କୋଭିଡ ୧୯ ଆରମ୍ଭରୁ କରୋନାର ଭୟବହତା ଦେଖି ଆମେ ବିପଦରେ ସାଥି ପକ୍ଷରୁ ଆରମ୍ଭ ହୋଇଥିଲା ମୁଠାଏ ଦାନା, ଚେନାଏ ହସ କାର୍ଯ୍ୟକ୍ରମ । ଅସହାୟଙ୍କୁ ଲକ ଡାଉନରେ ଖାଦ୍ୟ ଯୋଗାଡ ଯୋଗାଡ ପ୍ରବାସୀ ମାନଙ୍କୁ ଖାଦ୍ୟ ଯୋଗାଇ ଏକ ଉଦାହରଣ ସୃଷ୍ଟି କରିଥିଲା । ବର୍ଷକ ପରେ ପୁଣି ଆରମ୍ଭ ହୋଇଛି ଲକ ଡାଉନ ଓ ସର୍ଟ ଡାଉନ । ଏହାକୁ ଦୃଷ୍ଟିରେ ରଖି ଅସହାୟ ଗରିବ, ମାନସିକ ବିକାରଗସ୍ତ ଆଦିଙ୍କ ପାଇଁ ଲକ ଡାଉନ ଓ ସର୍ଟ ଡାଉନରେ ରନ୍ଧା ଖାଦ୍ୟ ବଂଟନ କରାଯାଉଛି । ଏଥି ସହିତ ପଶୁ ମାନଙ୍କ ପାଇଁ ଖାଦ୍ୟ ଯୋଜନା ଆରମ୍ଭ ହୋଇଛି । ତାଲା ବନ୍ଦରେ ଦୋକାନ ବନ୍ଦ ଥିବାରୁ ବଜାରରେ ଅସହାୟ ଭାବେ ବୁଲିଥିବା ଗୋରୁ ମାନଙ୍କୁ ଆମେ ବିପଦରେ ସାଥି ମାନେ ଖାଦ୍ୟ ବଂଟନ କରିଛନ୍ତି । ଆଜି ସଙ୍ଗଠନ ପକ୍ଷରୁ ପାଣିକୋଇଲି ଡାକ୍ତରଖାନା, ଥାନା ଓ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ସଙ୍ଗଠନ ପକ୍ଷରୁ ସାନିଟାଇଜ କରାଯାଇଛି । ଏଥି ସହିତ କରୋନା ପ୍ରପିଡିତ ଗୋଟିଏ ପରିବାରର ଘରକୁ ମଧ୍ୟ ସାନିଟାଇଜ କରାଯାଇଛି । ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ସୁବାସ ଧଳ ଦ୍ୱାରା ଶୁଭାରମ୍ଭ କରାଯାଇଛି । ସଦସ୍ୟ ମନମୋହନ ବାରିକ, ଅଶୋକ କୁମାର ବେହେରା, ରବିନ୍ଦ୍ର ବେହେରା, ସୁଧାଶଙ୍କର ବିଶ୍ୱାଳ, ରାକେଶ ରଂଜନ ପଣ୍ଡା, ସୁଶାନ୍ତ ସେନାପତି, ବିଜୟାନନ୍ଦ କବି, ଚନ୍ଦ୍ରକାନ୍ତ ବିଶ୍ୱାଳ ପ୍ରମୁଖ ଆଜିର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବନ୍ତ ବ୍ଲକର ମିଶନଶକ୍ତି ସୁପରଭାଇଜରଙ୍କ ମୃତ୍ୟୁ

ଭଦ୍ରକ, ୨୦/୫ (ହି.ସ.) - ବନ୍ତ ବ୍ଲକର ମହିଳା ଓ ଶିଶୁବିଭାଗର କାର୍ଯ୍ୟରତ ସର୍ବକନିଷ୍ଠ ମିଶନଶକ୍ତି ସୁପରଭାଇଜର ପ୍ରୀତିମୟୀ ଉଦଗାତା (୩୨)ଙ୍କ କଟକର ଏକ ଘରୋଇ ନର୍ସିହୋମରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଏହି ବ୍ଲକ ଗୋପିନାଥପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଣ୍ଡବା ଗ୍ରାମର ସୀତାରାମ ଉଦଗାତା ଓ ଦୁର୍ଗାବତୀ ଉଦଗାତାଙ୍କ କନିଷ୍ଠ କନ୍ୟା ପ୍ରୀତିମୟୀ ଜଣେ ମେଧାବୀ ଛାତ୍ରୀ ତଥା ବିଜ୍ଞାନରେ ସ୍ନାତକ ଓ କମ୍ପ୍ୟୁଟର ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ପରେ ୨୦୧୪ ମସିହାରେ କମ୍ପ୍ୟୁଟର ଶିକ୍ଷୟିତ୍ରୀ ଭାବେ ତେଲନଟୀ ଉଚ୍ଚ ବିଦ୍ୟାପୀଠ, ବାଲିପୋଖରୀରେ ଚାକିରି ଜୀବନ ଆରମ୍ଭ କରିଥିଲେ । ସେ ଚରିଗାଁ ଗ୍ରାମପଞ୍ଚାୟତ ଚକ୍ରାପାଢୀ ଗ୍ରାମର ହୃଷିକେଶ କର ଓ ସୁକାନ୍ତୀ କରଙ୍କ ଏକମାତ୍ର ପୁତ୍ର ଅକ୍ଷୟଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ପରେ ୨୦୧୯ ମସିହାରେ ବନ୍ତ ବ୍ଲକରେ ମହିଳା ଶିଶୁ ବିଭାଗ ମିଶନ ଶକ୍ତି ସୁପରଭାଇଜର ଭାବେ ଯୋଗ ଦେଇ କାର୍ଯ୍ୟରତ ଥିଲେ । ସେ ଜଣେ କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ କର୍ମଚାରୀ ଭାବେ ବ୍ଲକରେ ସୁନାମ ଅର୍ଜନ କରିଥିଲେ । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ମର ଶରୀର ଚକ୍ରାପାଢୀରେ ପହଁଚିବା ପରେ ରାଜ୍ୟ ବିଜେଡ଼ି ସମ୍ପାଦକ ପ୍ରୟାସକାନ୍ତି ସାମଲ, ଲୋକଶକ୍ତି ସମ୍ପାଦକ ରବିନ୍ଦ୍ର ରାୟ, ଯୁବ ବିଜେଡ଼ି ସଭାପତି ସତ୍ୟସାଧନ ବେଜ, ପୂର୍ବତନ ସମିତି ସଭ୍ୟ ମନୋରଞ୍ଜନ ଘଡ଼େଇ, ସ୍ଥାନୀୟ ସରପ ଅଶୋକ ଦାସଙ୍କ ସମେତ ଗ୍ରାମବାସୀ ଓ ପ୍ରଶାସନିକ କର୍ମଚାରୀ ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୬ମାସର ଏକମାତ୍ର ପୁତ୍ର, ସ୍ୱାମୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ ।

# ଭୁବନ ଥାନା ତରଫରୁ ମାସ୍କ ଚେକିଙ୍ଗ: ୮ ହଜାର ଟଙ୍କା ଫାଇନ ଆଦାୟ

ଭୁବନ, ୨୦/୫ (ନି.ପ୍ର): ଓଡିଶାରେ ମହାମାରୀ କରୋନା ଧିରେଧିରେ କାୟା ବିସ୍ତାର କରି ଆଗକୁ ବଢୁଥିବାରୁ ସରକାର ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ ଘୋଷଣା କରିବା ସହ ସମସ୍ତେ ମାସ୍କ ପିନ୍ଧିବାକୁ ବାଧ କରିଛନ୍ତି ଏବଂ ଅମାନିଆଙ୍କ ଠାରୁ ଫାଇନ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ଭୁବନ ଥାନା ତରଫରୁ ୫୩ ନମ୍ବର ଜାତୀୟ ରାଜପଥର ନୂଆବଜାର ଓ କାଳୀବଜାର ଠାରେ ମାସ୍କ ଚେକିଙ୍ଗ ସମେତ ଦୋକାନ ଖୋଲି ବେପାର କରୁଥିବା ଅମାନିଆଙ୍କ ଠାରୁ ୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଫାଇନ ଆଦାୟ କରାଯାଇଥିଲା । ଆଇଆଇସି ପ୍ରଶାନ୍ତ କୁମାର ପାତ୍ର, ଏଏସଆଇ ପ୍ରଭାତ କୁମାରନାୟକ ପୋଲିସ କର୍ମଚାରୀଙ୍କ ଗହଣରେ ଅମାନିଆଙ୍କ ଠାରୁ ଫାଇନ ଆଦାୟ କରିଥିଲେ ।

# ମଦ୍ୟପ ପୁତୁରାର କଟୁରୀ ଚୋଟରେ ଦାଦାର ମୃତ୍ୟୁ

ଧର୍ମଶାଳା, ୨୦/୫ (ନି.ପ୍ର): ମଦ୍ୟପ ପୁତୁରାର କଟୁରୀ ଚୋଟରେ ଦାଦାର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ଏଭଳି ଅମାନୁଷିକ ଘଟଣା ଘଟିଛି ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରମ୍ଭା ଗ୍ରାମରେ । ମୃତକ ଜଣକ ହେଲେ ଏହି ଗ୍ରାମର ଦେବେନ୍ଦ୍ର ବାହାଲିଆ(୪୭) ବୋଲି ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଆଜି ଅପରାହ୍ନରେ ରମ୍ଭା ଗ୍ରାମର ପିୟୁଷକାନ୍ତ ବାହାଲିଆ(୩୨) ସବୁ ବେଳେ ମଦ୍ୟପାନ କରି ଗ୍ରାମରେ ସମସ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଳଜ କରେ । ଏପରିକି ଅନେକ ସମୟରେ ଲୋକମାନଙ୍କୁ ଧମକ ଚମକ ଦେଇଆସୁଥିଲା । ଏହି କାର୍ଯ୍ୟକଳାପକୁ ତାଙ୍କର ଦାଦା ଦେବେନ୍ଦ୍ର ଏହାକୁ ବିରୋଧ କରିଆସୁଥିଲେ । ତେବେ ଆଜି ମଧ୍ୟାହ୍ନରେ ଘରେ ଦେବେନ୍ଦ୍ର ଖାଉଥିବା ବେଳେ ସେ ମଦ୍ୟପାନ କରି ଏକ କଟୁରୀରେ ଦାଦାର ବେକକୁ ଆକ୍ରମଣ କରିଥିଲା । ଦାଦାକୁ ଘର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସଂଗେ ସଂଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ବରୀ-ରାମଚନ୍ଦ୍ରପୁର ପୋଲିସ ଖବର ପାଇ ମୃତ ଦେହକୁ ଜବତ କରିବା ଏହି ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ଜଣାପଡିଛି । ମୃତକ ଜଣକ ମାର୍ବଲ କାମ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାହାର ୨ଟି ଝିଅ ଥିବା ଜଣାପଡିଛି । ଅଭିଯୁକ୍ତକୁ କଠୋରରୁ ଅତି କଠୋର ଦଣ୍ଡ ଦେବାକୁ ପତ୍ନୀ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଗ୍ନି ବିପିନ୍ନ ପରିବାରକୁ ସହାୟତା

କେନ୍ଦ୍ରାପଡ଼ା, ୨୦/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରୋମିତ ଗ୍ରାମରେ ବୟାବହ ଅଗ୍ନିକାଣ୍ଡ ଘଟି ୬ ପରିବାର ର ଘର ପୋଡି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ଏବଂ ଅନ୍ୟାନ୍ୟ ଜିନିଷପତ୍ର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ସଚିଦାନନ୍ଦ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପିଡିତ ପରିବାରଙ୍କୁ ଚୁଡା, ଅଟା, ଡାଲି, ଚିନି, ଆଦି ପ୍ରଦାନ କରାଯାଇଛି । ଏହି ପ୍ରଦାନ ସମୟରେ ପ୍ରିତୀ ରଞ୍ଜନ ଦାସ, ମାନସ ଦାସ, ସୂର୍ଯ୍ୟକାନ୍ତ ଦାସ, ରଞ୍ଜିତ ବେହେରା, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଆଇନଜୀବିଙ୍କ ବେକରୁ ସୁନାଚେନ ଲୁଟ୍: ଥାନାରେ ମାମଲା

କନ୍ଧମାଳ, ୨୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସହରରେ ମାତିଛନ୍ତି ଲୁଟେରା । ସହରର ଜଣେ ଆଇନଜୀବି ହଜାରୀ ରାଉତଙ୍କ ଠାରୁ ସନ୍ଧ୍ୟା ସମୟରେ ଲୁଟ ହୋଇଥିବା ନେଇ ଫୁଲବାଣୀ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ହଜାରୀ ରାଉତ । ଅଭିଯୋଗ ଅନୁସାରେ ୧୬ ତାରିଖ ସଂନ୍ଧ୍ୟା ପ୍ରାୟ ଆଠଟା ବେଳେ ଢ଼ିପାସାହିରେ ସେ କିଛି ଔଷଧ କିଣି ଘରକୁ ଫେରୁଥିବା ସମୟରେ ବସଷ୍ଟାଣ୍ଡ ନିକଟରେ ୭ ଯୁବକ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଘେରି ଯାଇଥିଲେ । ସେମାନେ କିଛି ମାରଣାସ୍ତ୍ର ମଧ୍ୟ ଧରିଥିଲେ । ହଠାତ ସେମାନେ ହଜାରୀଙ୍କୁ ଘେରି ଯାଇ ତାଙ୍କୁ ଭୟଭୀତ କରାଇବା ସହିତ ଗାଳିଗୁଲଜ କରି ତାଙ୍କଠାରୁ ଟଙ୍କା ମାଗିଥିଲେ । ସେ ତାଙ୍କ ପାଖରେ ଟଙ୍କା ନଥିବା କହିବାରୁ ତାଙ୍କ ବେକରେ ପିନ୍ଧିଥିବା ସୁନା ଚେନ ଏବଂ ହାତର ବେସଲେଟକୁ ଜୋର ଜବରଦସ୍ତ ଛଡାଇ ନେଇଥିଲେ । ସେହି ସାମୟରେ ଲକଡାଉନ ଚାଲିଥିବା ଯୋଗୁଁ ହଜାରୀ ଥାନାକୁ ନଯାଇ ଘରକୁ ଫେରିଥିଲେ । ପରେ ଫୁଲବାଣୀ ଆଦର୍ଶ ଥାନାରେ ଏହି ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ ସେ । କିଛିଦିନ ପୂର୍ବେ ସେହି ଯାଗାରେ ଜଣେ ପୋଲିସ କର୍ମଚାରୀଙ୍କୁ ଏହିଭଳି ନିଶାସକ୍ତ ଅବସ୍ଥାରେ କିଛି ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ । ଲକ୍ ଡାଉନ ସମୟରେ ଫୁଲବାଣୀ ବସଷ୍ଟାଣ୍ଡ ଭିତରେ କିଛି ଅସମାଜିକ ବ୍ୟକ୍ତି ନିଶାସକ୍ତ ହୋଇ ଏପରି କାଣ୍ଡ ଭିଆଉ ଥିବା ଘଟଣା ମାନ ସାମ୍ନାକୁ ଆସୁଥିଲେ ମଧ୍ୟ ଲୋକମାନେ ଜୀବନ ଭୟଭୀତ ହେବା ସହିତ ସମ୍ମାନ ହାନୀ ହେବା ଆଶଙ୍କାରେ ପୋଲିସ ନିକଟରେ ଅଭିଯୋଗ କରୁନ ଥିବା ଜଣାପଡିଛି । ଲକଡାଉନ ବେଳେ ଜନ ଗହଳି ନଥିବାରୁ ଲୋକଙ୍କୁ ଏକାକି ଦେଖି ଏହି ଦୃବୃତ ମାନେ ଆକ୍ରମଣ କରିବା ସହିତ ସେମାନଙ୍କଠାରୁ ଲୁଟ କରୁଛନ୍ତି । ତେବେ ହଜାରୀ ରାଉତଙ୍କ ଅନୁରୋଧ କ୍ରମେ ଫୁଲବାଣୀ ଓକିଲ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ସଭାପତି ଶିଦ୍ଧେଶ୍ୱର ଦାସଙ୍କ ନେତୃତ୍ୱରେ ସମ୍ପାଦକ ଅଜିତ ପଟ୍ଟନାୟକଙ୍କ ପରିଚାଳନାରେ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏକ ଲିଖିତ ଅଭିଯୋଗ କନ୍ଧମାଳ ଏସପିଙ୍କୁ ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛିଯେ ଯଦି ଜଣେ ଆଇନଜୀବିଙ୍କର ଜୀବନ ସୁରକ୍ଷିତ ନୁହେଁ ତେବେ ସାଧାରଣ ଜନତାଙ୍କ ସୁରକ୍ଷା କେତେଦୁର ସମ୍ଭବ ଏହା ଏକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକାଶଥାଉକି, ଫୁଲବାଣୀ ଓକିଲ ସଂଘର ଦୃଢ଼ ନିଷ୍ପତିକ୍ରମେ ଜନଶୁନ୍ୟ ସ୍ଥାନ ମାନଙ୍କରେ ପେଟ୍ରୋଲିଂକୁ କଡାକଡି କରାଯାଇ ସୁରକ୍ଷା ପ୍ରତି ନଜର ଦେବାକୁ ଏବଂ ଲୁଟେରା ମାନଙ୍କୁ ଯଥା ଶିଘ୍ର ଗିରଫ କରାଯିବାକୁ ଦାବୀ ହୋଇଛି । ଏହା ସମେତ ଓକିଲ ସଂଘ ନେଇଥିବା ନିଷ୍ପତି ଅନୁସାରେ ଲୁଟେରାମାନଙ୍କୁ ଗିରଫ କରାଗଲେ ସେମାନଙ୍କୁ ୧୫ ଦିନ ପର୍ଯ୍ୟନ୍ତ କୌଣସି ଓକିଲ ଭାଇ ଭଉଣୀ ସେମାନଙ୍କର କେସ ଫାଇଲ କରିବେ ନାହିଁ ବୋଲି ଦାବୀପତ୍ରରେ ଜଣାଇ ଦିଆଯାଇଛି । ବର୍ତମାନ ଲୁଟେରା ମାନଙ୍କ ପ୍ରତି ପୋଲିସର କାର୍ଯ୍ୟନୁଷ୍ଠାନକୁ ଅପେକ୍ଷା କରିଛି ଓକିଲ ସଂଘ ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉଟେନସି ଏଣ୍ଡ ମେନେଜମେଂଟରେ କୋଭିଡ ସଚେତନତା ୱେବିନାର

ବାରିପଦା, ୨୦/୫ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉଟେନସି ଏଣ୍ଡ ମେନେଜମେଂଟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦ୍ୱିତୀୟ ଲହର କୋଭିଡ -୧୯ ଟିକାକରଣ ସଚେତନତା ବିଷୟରେ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା । ଏଥିରେ ଜାତୀୟ ସେବା ଯୋଜନା ଅନ୍ତର୍ଗତ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସ୍ୱେଚ୍ଛାସେବୀ ଲିପ୍ସା ନନ୍ଦ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ । କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଡକ୍ଟର ପ୍ରଣବ ଶଙ୍କର ଦାଶ ଯୋଗଦାନ କରି କୋଭିଡ ଉପରେ ବିଜୟ ଲାଭ କରିବା ପାଇଁ ଉପଦେଶ ଦେଇଥିଲେ । ଏନ.ଏସ.ଏସ. ରିଜିଓନାଲ ଡାଇରେକ୍ଟର ସରିତା ପଟେଲ ବାର୍ତା ମାଧମରେ ଏନ.ଏସ.ଏସ.କୁ ମଜବୁତ କରିବା ପାଇଁ ପ୍ରେରଣା ଦେଇଥିଲେ । ଏନ.ଏସ.ଏସ.ର ଏସ.ଏନ.ଓ ଡକ୍ଟର ରମେଶ ଚନ୍ଦ୍ର ବେହେରା ମଧ ବାର୍ତା ମାଧମରେ ସମସ୍ତଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଅଧାପକ, ଏନ.ଏସ.ଏସ, ଓୟୁଏଟିର ନିରୋଦ ବରଣ ଖୁଣ୍ଟିଆ ତାଙ୍କର ଅମୂଲ୍ୟ ବିଂଶସୂତ୍ରୀ ଉପଦେଶ ମାଧମରେ ଜନମାନସକୁ ନିରୋଗ ତଥା ସୁସ୍ଥ ରଖିବାକୁ ପ୍ରେରଣା ଦେଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ ଦାସ ଯୋଗଦାନ କରି ବ୍ରେକ ଦି ଚେନ, ମେକ ଦି ଚେନ କିପରି ସଫଳ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ସେବା ଯୋଜନା ଅଧିକାରୀ ଡକ୍ଟର ସ୍ମୃତି ରଂଜନ ଦାଶ ୱେବିନାର ଯୋଡ଼ି ହୋଇ ମନକୁ ଦୃଢ଼ ରଖି ସାମାଜିକ ଦୂରତ୍ୱ ପାଳନ, ମାସ୍କ ପରିଧାନ, ସାନିଟାଇଜର ମାଧମରେ ନିଜକୁ କରୋନାରୁ ମୁକ୍ତ ରଖିପାରିବେ ବୋଲି ମତ ପୋଷଣ କରିଥିଲେ । କପ୍ତିପଦା ଡିଗ୍ରୀ କଲେଜ, ନୂଆସାହିର ଜାତୀୟ ସେବା ଯୋଜନା ଅଧିକାରୀ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ସଞ୍ଜୟ କୁମାର ସେନାପତି ଯୋଗଦାନ କରି ଅତି ଆବଶ୍ୟକ ନ ଥିଲେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦେଇଥିଲେ । ଭବିଷ୍ୟତରେ ଏକାଠି ବଂଚିବାକୁ ହେଲେ ବର୍ତମାନ ପରସ୍ପରଠାରୁ ସର୍ବନିମ୍ନ ୬ ଫୁଟରୁ ଅଧିକ ଦୂରତ୍ୱ ରକ୍ଷା କରିବା ନିତ୍ୟାନ୍ତ ଆବଶ୍ୟକ । ତେଣୁ ଏ ସବୁ ବାର୍ତା ଗ୍ରାମାଚଂଳରେ ପହଁଚିବା ଦ୍ୱାରା ସଚେତନତା ସୃଷ୍ଟି ହୋଇପାରିବ । ଅନଲାଇନ ବା ଦୂର ସଂଚାର ମାଧମରେ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମର ସଂଚାଳକ ଅଧିକାରୀ ରିଜିଓନାଲ ଡାଇରେକ୍ଟର ଅଫିସର ନିଖିଲ ପାଣିଗ୍ରାହୀ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଉପାଦେୟତା ବର୍ତମାନର ଘଡ଼ିସନ୍ଧି ସମୟରେ ନିଶ୍ଚୟ ସଚେତନତା କରାଇବ ବୋଲି ମତ ପ୍ରକାଶ କରିଥିଲେ । ଏମ.ସି.ଏ.ଏମ.ର ଅନ୍ୟତମ ସେବା ଯୋଜନା ଅଧିକାରୀ ବିଜୟା ନାୟକ ଶାରିରୀକ ବ୍ୟାୟାମ ମାଧରେ ଶରୀରକୁ ସୁସ୍ଥ ରଖି କରୋନା ଉପରେ ବିଜୟ ଲାଭ କରାଯାଇ ପାରିବ ବୋଲି ମତ ରଖିଥିଲେ । ଶେଷରେ ଏମ.ସି.ଏ.ଏମ.ର ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ୱେବିନାରରେ ଯୋଡ଼ି ହୋଇଥିବା ସମସ୍ତ ଅତିଥି ଓ ସଜ୍ଜନମଣ୍ଡଳୀ ତଥା– ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଥ ଖଳାରେ ନିୟୋଜିତ ଦୁଇ ମହାରଣା ସେବାୟତ କରୋନା ପଜିଟିଭ୍ ଚିହ୍ନଟ

ପୁରୀ, ୨୦/୫ (ନି.ପ୍ର): ରଥ ଖଳାରେ ତିନି ରଥ ନିର୍ମାଣ କରିବା ପାଇଁ ବିଶ୍ୱକର୍ମା ମହାରଣା ମାନେ ନିୟୋଜିତ ହୋଇଛନ୍ତି । ସେମାନଙ୍କୁ ଭକ୍ତ ନିବାସରେ ରଖାଯାଇଛି । ଆଜି ଦୁଇ ଜଣ ମହାରଣା ସେବାୟତ କରୋନା ସଂକ୍ରମିତ ହୋଇଥିବା ଖବର ମିଳିଛି । ପଜିଟିଭ୍ ଚିହ୍ନଟ ହୋଇଥିବା ଦୁଇ ମହାରଣା ସେବାୟତଙ୍କୁ ଆଇସୋଲେସନରେ ରଖାଯାଇଛି । ସେମାନେ ଡ଼ାକ୍ତରଙ୍କ ପରାମର୍ଶ ଔଷଧ ସେବନ କରୁଛନ୍ତି । ରଥ କାମ ପୂର୍ବରୁ ସମସ୍ତ ମହାରଣା ସେବାୟତଙ୍କ କରୋନା ଟେଷ୍ଟ କରାଯିବା ସହ ସେମାନଙ୍କ ମଧରୁ ଅଧିକାଂଶ ଟୀକା ନେଇଥିଲେ । ତେବେ ଆଜି ରଥ ନିର୍ମାଣ କାର୍ଯ୍ୟ ଯଥାବିଧି ଚାଲୁ ରହିଛି ।

# ଚାନ୍ଦପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ଘଟଣା : ୭ ଜଣଙ୍କୁ କୋର୍ଟ ଚାଲାଣ

ଧର୍ମଶାଳା, ୨୦/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଚାନ୍ଦପୁର ଗ୍ରାମ ନିକଟସ୍ଥ ଏଚଆରଏମ ମଦ୍ରାସା ନିକଟରେ ସୋମବାର ଦିନ ସକାଳେ ପୂର୍ବ ଶତୃତାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣା ଘଟିଥିଲା । ଏହି ଘଟଣାରେ ଉଭୟ ପକ୍ଷରୁ ବହୁ ଲୋକ ଆହତ ହୋଇଥିଲେ । ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ଥିଲା । ୨୫୪।୨୧ ଓ ୨୫୪।୨୧ରେ ପୃଥକ ଦୁଇଟି ମାମଲା ରୁଜୁ କରି ଗତ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୭ ଜଣକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାସରଥୀ ପାତ୍ର ସୂଚନା ଦେଇଛନ୍ତି । ୨୫୩।୨୧ ମାମଲାରେ ସେକ୍ ଜମିଲ ଅହମ୍ମଦ,ସେକ୍ ମୋଜାକିର ଅହମ୍ମଦ ଓ ସେକ୍ ମୋବାସିନ ଏବଂ ୨୫୪ ।୨୧ ମାମଲାରେ ସେକ୍ ଲ୍ୟାକତ ଆଲାମ,ସେକ୍ ସୋହେବ ଓ୍ୱାକର,ସେକ୍ ମୋଜିବ ଆଲାମ ଓ ସେକ୍ ନଜିମ ଆଲାମଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ ରବିବାର ଦିନ ଏହି ଗ୍ରାମର ହଲିମା ବିବି ତାଙ୍କ ଜମିରେ ଶୌଚାଳୟ କରି ତାହାକୁ ସେମାନେ ବ୍ୟବହାର କରୁଥିଲେ । ଯାହାକୁ ନେଇ ଜହାଙ୍ଗିରଙ୍କ ପରିବାର ଲୋକେ ଏହାକୁ ବିରୋଦ୍ଧ କରିଥିଲେ । ଜାହାଙ୍ଗିରଙ୍କ ପରିବାର ଲୋକେ ହଲିମା ବିବିଙ୍କ ଘରେ ପଶି ପରିବାର ସମସ୍ତ ସଦସ୍ୟଙ୍କୁ ଧମକଚମକ ଦେଇଥିଲେ । ଏନେଇ ହଲିମାଙ୍କ ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦେଇଥିଲେ । ଏତଲା ଦେବାରୁ ଜାହାଙ୍ଗିରଙ୍କ ପରିବାର ହିଂସା ପରାୟଣ ହୋଇ ହଲିମାଙ୍କ ପରିବାର ଉପରକୁ ସୋମବାର ସକାଳେ ଆକ୍ରମଣ କରିଥିଲେ । ଫଳରେ ଉଭୟ ପକ୍ଷରୁ ୮ ଜଣ ଆହତ ହୋଇଥିଲେ ।

## ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେଲା ଟ୍ରକ, ଅଳ୍ପକେ ବର୍ତ୍ତିଲେ ବାଇକ ଆରୋହୀ

କୋରାଇ, ୨୦/୫ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ସମ୍ମୁଖରେ ଆଜି ମଧ୍ୟାହ୍ନରେ ଏକ ବାଇକ ଆରେହୀ ରାଜପଥର ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରକ ତାର ପଛରୁ ଧକ୍କା ଦେଇଥିଲା । ଫଳରେ ବାଇକ ଆରେହୀ ଟ୍ରକର ଆଗ ଚକା ତଳେ ପଡିଯାଇଥିଲେ । ସୌଭାଗ୍ୟ ବଶତଃ ବାଇକ ଆରୋହୀ ସାମାନ୍ୟ ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଓ ଥାନା ଅଧିକାରୀ/ କର୍ମଚାରୀମାନେ ସେଠାରେ ପହଂଚି ବାଇକ ଆରୋହୀକୁ ଉଦ୍ଧାର କରିଥିଲେ । ବାଇକ ଆରୋହୀ ଯାଜପୁର ଥାନା ଚଇନପୁର ଅଂଚଳର ବେଙ୍ଗୁଲା ବୋଲି ଜଣାପଡଇଛି । ପୁଲିସ ବାଇକ ଆରୋହୀଙ୍କୁ ଚିକିତ୍ସା ନିମନ୍ତେ ପଠାଇବା ସହ ଗାଡିକୁ ଜବତ କରିଛନ୍ତି ।

# ଦୁଇ ଦିନରେ ୪୦୦ ଜଣଙ୍କୁ କରୋନା ଟିକା ପ୍ରଦାନ

କଣାସ, ୨୦/୫ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ଗତକାଲି ଓ ଆଜି ୪୫ ବର୍ଷରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଟୀକା ପ୍ରଦାନ କରାଯାଇଥିବା ଜଣାପଡିଛି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କଣାସ ଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗତକାଲି ୨ ଶହ ଜଣଙ୍କୁ ଓ ଆଜି ୨ ଶହ ଜଣଙ୍କୁ ଟୀକା ପ୍ରଦାନ କରାଯାଇଛି । ଦୁଇ ଦିନ ହେଲା ଟୀକା ନେବାପାଇଁ ସେଠାରେ ପ୍ରବଳ ଭିଡ଼ ଲାଗିରହିଥିଲା । ଏପରିକି କରୋନା କଟକଣା ଲୋକମାନେ ଭଙ୍ଗ କରୁଥିବା ଦେଖିବାକୁ ମିଳିଥିଲା । କରୋନା କଟକଣା ମାନି ଟୀକା ନେବା ପାଇଁ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା ଏବଂ କଣାସ ଥାନା ଆଇ.ଆଇ.ସି ତପନ ରାଉତ ଜନସାଧାରଣଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ ମଧ ଟୀକା କମ୍ ଆସିଥିବାରୁ ଲୋକମାନେ କିପରି ଟୀକା ଆଗ ନେବେ ସେଥିପାଇଁ ଭିଡ଼ ଜମାଇଥିଲେ । ବହୁ ବ୍ୟକ୍ତି ଟୀକା ନେବା ପାଇଁ ଅପେକ୍ଷା କରିଥିବାରୁ ତୁରନ୍ତ ଆବଶ୍ୟକ ମୁତାବକ ଟୀକା ଯୋଗାଇଦେବା ପାଇଁ ଜନସାଧାରଣରେ ଦାବି ହେଉଛି । ଅନ୍ୟପକ୍ଷରେ ୧୮ ବର୍ଷରୁ ୪୫ ବର୍ଷ ମଧରେ ବ୍ୟକ୍ତିମାନଙ୍କୁ କେଉଁ ଦିନ ଟୀକା ପ୍ରଦାନ କରାଯିବ ଯୁବସମାଜ ଚାତକ ପରି ଚାହିଁ ରହିଛନ୍ତି ।

# ଫୁଲବାଣୀରେ ଆଇନଜୀବୀଙ୍କ ବେକରୁ ସୁନାଚେନ ଲୁଟ: ଥାନାରେ ମାମଲା

କନ୍ଧମାଳ, ୨୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସହରରେ ମାତିଛନ୍ତି ଲୁଟେରା । ସହରର ଜଣେ ଆଇନଜୀବି ହଜାରୀ ରାଉତଙ୍କ ଠାରୁ ସନ୍ଧ୍ୟା ସମୟରେ ଲୁଟ ହୋଇଥିବା ନେଇ ଫୁଲବାଣୀ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ହଜାରୀ ରାଉତ । ଅଭିଯୋଗ ଅନୁସାରେ ୧୬ ତାରିଖ ସଂନ୍ଧ୍ୟା ପ୍ରାୟ ଆଠଟା ବେଳେ ଢ଼ିପାସାହିରେ ସେ କିଛି ଔଷଧ କିଣି ଘରକୁ ଫେରୁଥିବା ସମୟରେ ବସଷ୍ଟାଣ୍ଡ ନିକଟରେ ୭ ଯୁବକ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଘେରି ଯାଇଥିଲେ । ସେମାନେ କିଛି ମାରଣାସ୍ତ୍ର ମଧ୍ୟ ଧରିଥିଲେ । ହଠାତ ସେମାନେ ହଜାରୀଙ୍କୁ ଘେରି ଯାଇ ତାଙ୍କୁ ଭୟଭୀତ କରାଇବା ସହିତ ଗାଳିଗୁଲଜ କରି ତାଙ୍କଠାରୁ ଟଙ୍କା ମାଗିଥିଲେ । ସେ ତାଙ୍କ ପାଖରେ ଟଙ୍କା ନଥିବା କହିବାରୁ ତାଙ୍କ ବେକରେ ପିନ୍ଧିଥିବା ସୁନା ଚେନ ଏବଂ ହାତର ବେସଲେଟକୁ ଜୋର ଜବରଦସ୍ତ ଛଡାଇ ନେଇଥିଲେ । ସେହି ସାମୟରେ ଲକଡାଉନ ଚାଲିଥିବା ଯୋଗୁଁ ହଜାରୀ ଥାନାକୁ ନଯାଇ ଘରକୁ ଫେରିଥିଲେ । ପରେ ଫୁଲବାଣୀ ଆଦର୍ଶ ଥାନାରେ ଏହି ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ ସେ । କିଛିଦିନ ପୂର୍ବେ ସେହି ଯାଗାରେ ଜଣେ ପୋଲିସ କର୍ମଚାରୀଙ୍କୁ ଏହିଭଳି ନିଶାସକ୍ତ ଅବସ୍ଥାରେ କିଛି ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ । ଲକଡାଉନ ସମୟରେ ଫୁଲବାଣୀ ବସଷ୍ଟାଣ୍ଡ ଭିତରେ କିଛି ଅସମାଜିକ ବ୍ୟକ୍ତି ନିଶାସକ୍ତ ହୋଇ ଏପରି କାଣ୍ଡ ଭିଆଉ ଥିବା ଘଟଣା ମାନ ସାମ୍ନାକୁ ଆସୁଥିଲେ ମଧ୍ୟ ଲୋକମାନେ ଜୀବନ ଭୟଭୀତ ହେବା ସହିତ ସମ୍ମାନ ହାନୀ ହେବା ଆଶଙ୍କାରେ ପୋଲିସ ନିକଟରେ ଅଭିଯୋଗ କରୁନ ଥିବା ଜଣାପଡିଛି । ଲକଡାଉନ ବେଳେ ଜନ ଗହଳି ନଥିବାରୁ ଲୋକଙ୍କୁ ଏକାକି ଦେଖି ଏହି ଦୃବୃତ ମାନେ ଆକ୍ରମଣ କରିବା ସହିତ ସେମାନଙ୍କଠାରୁ ଲୁଟ କରୁଛନ୍ତି । ତେବେ ହଜାରୀ ରାଉତଙ୍କ ଅନୁରୋଧ କ୍ରମେ ଫୁଲବାଣୀ ଓକିଲ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ସଭାପତି ଶିଦ୍ଧେଶ୍ୱର ଦାସଙ୍କ ନେତୃତ୍ୱରେ ସମ୍ପାଦକ ଅଜିତ ପଟ୍ଟନାୟକଙ୍କ ପରିଚାଳନାରେ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏକ ଲିଖିତ ଅଭିଯୋଗ କନ୍ଧମାଳ ଏସପିଙ୍କୁ ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛିଯେ ଯଦି ଜଣେ ଆଇନଜୀବିଙ୍କର ଜୀବନ ସୁରକ୍ଷିତ ନୁହେଁ ତେବେ ସାଧାରଣ ଜନତାଙ୍କ ସୁରକ୍ଷା କେତେଦୁର ସମ୍ଭବ ଏହା ଏକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକାଶଥାଉକି, ଫୁଲବାଣୀ ଓକିଲ ସଂଘର ଦୃଢ଼ ନିଷ୍ପତିକ୍ରମେ ଜନଶୁନ୍ୟ ସ୍ଥାନ ମାନଙ୍କରେ ପେଟ୍ରୋଲିଂକୁ କଡାକଡି କରାଯାଇ ସୁରକ୍ଷା ପ୍ରତି ନଜର ଦେବାକୁ ଏବଂ ଲୁଟେରା ମାନଙ୍କୁ ଯଥା ଶିଘ୍ର ଗିରଫ କରାଯିବାକୁ ଦାବୀ ହୋଇଛି । ଏହା ସମେତ ଓକିଲ ସଂଘ ନେଇଥିବା ନିଷ୍ପତି ଅନୁସାରେ ଲୁଟେରାମାନଙ୍କୁ ଗିରଫ କରାଗଲେ ସେମାନଙ୍କୁ ୧୫ ଦିନ ପର୍ଯ୍ୟନ୍ତ କୌଣସି ଓକିଲ ଭାଇ ଭଉଣୀ ସେମାନଙ୍କର କେସ ଫାଇଲ କରିବେ ନାହିଁ ବୋଲି ଦାବୀପତ୍ରରେ ଜଣାଇ ଦିଆଯାଇଛି । ବର୍ତମାନ ଲୁଟେରା ମାନଙ୍କ ପ୍ରତି ପୋଲିସର କାର୍ଯ୍ୟନୁଷ୍ଠାନକୁ ଅପେକ୍ଷା କରିଛି ଓକିଲ ସଂଘ ।

# ପଞ୍ଚସଖା ଯୁଗର ଅନନ୍ୟ ପ୍ରତିଭା ଯଶୋବନ୍ତ ଦାସ : ଏକ ବିଶ୍ଳେଷଣ




ଡକ୍ଟର ଶ୍ରୀହରି ପଣ୍ଡା


ଭକ୍ତି ଆନ୍ଦୋଳନର ପରମ୍ପରାରେ ଆଚାର୍ଯ୍ୟଗଣ ବିଭିନ୍ନ ସମୟରେ ଦେଇଯାଇଥିବା ଭକ୍ତିର ବିଭିନ୍ନ ମାର୍ଗ ଗୁଡିକର ସ୍ୱତନ୍ତ୍ର ଭୂମିକା ରହିଛି । ଜଗନ୍ନାଥ ସଂସ୍କୃତି ଦେଶ ଓ ଦେଶ ବାହାରେ ପ୍ରଭାବ ବିସ୍ତାର କରିଥିବା କାରଣରୁ ବହୁ ଆଚାର୍ଯ୍ୟ ଜଗନ୍ନାଥ ଧାମକୁ ନିଜ ନିଜର ମତବାଦର ପ୍ରଚାର, ପ୍ରସାର ନିମନ୍ତେ ଆସିଛନ୍ତି । ଫଳରେ ଏଠାକାର ସାଧୁସନ୍ଥଙ୍କ ସହ ସେମାନଙ୍କର ଯେଉଁ ଶାସ୍ତ୍ର ଚର୍ଚ୍ଚା ହେଉଥିଲା ଏବଂ ସେମାନେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଉଥିଲେ ତାହାର ପ୍ରଚାର ହେଉଥିଲା । ଏଣୁ ଶ୍ରୀକ୍ଷେତ୍ର ସବୁ ଧର୍ମ ମତବାଦର ପ୍ରୟୋଗଶାଳା ପାଲଟିଯାଇଥିଲା । ଶ୍ରୀକ୍ଷେତ୍ରକୁ ଆସିଥିବା ବହୁ ଆଚାର୍ଯ୍ୟଙ୍କ ମଧ୍ୟରେ ଶ୍ରୀରାମାନୁଜ ସ୍ୱାମୀ, ଶ୍ରୀମଧ୍ୱାଚାର୍ଯ୍ୟ, ଆଚାର୍ଯ୍ୟ ବିଷ୍ଣୁସ୍ୱାମୀ, ଶ୍ରୀରାମାନନ୍ଦ, ଶ୍ରୀନିମ୍ବାର୍କ, ଶ୍ରୀବଲ୍ଲଭାଚାର୍ଯ୍ୟ ଓ ଶ୍ରୀଚୈତନ୍ୟ ବୈଷ୍ଣବ ମତର ବିଭିନ୍ନ ଉପାସକ ଗଣ ଶ୍ରୀକ୍ଷେତ୍ରକୁ ଆସି ସ୍ୱକୀୟ ମତବାଦ ପ୍ରଚାର କରିବା ସହ ଏଠାକାର ଅଧିଷ୍ଠିତ ଦେବତା ଶ୍ରୀଜଗନ୍ନାଥଙ୍କୁ ସ୍ୱ ସଂପ୍ରଦାୟର ଆରାଧ୍ୟ ଦେବତା ଭାବରେ ସ୍ୱୀକାର କରିଯାଇଛନ୍ତି ଏବଂ ସମସ୍ତ ବୈଷ୍ଣବଚାର୍ଯ୍ୟଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଉପାସିତ ହୋଇଛନ୍ତି । ଏଣୁ ଏହା ନିଃସନ୍ଦେହ ଯେ ବହୁ ପ୍ରାଚୀନ କାଳରୁ ଉତ୍କଳଭୂମି ଥିଲା ନାନା ଧର୍ମ ଓ ସଂସ୍କୃତିର ମହାସଙ୍ଗମ ଓ ସମନ୍ୱୟ ସ୍ଥଳୀ । ଏଠାରେ ଅଦ୍ୱୈତବାଦ, ବିଶିଷ୍ଟା ଦ୍ୱୈତବାଦ, ଦ୍ୱୈତମତ, ଦ୍ୱୈତାଦ୍ୱୈତ ବାଦ, ଶ୍ରୀବିଷ୍ଣୁ ସ୍ୱାମୀ ମତ, ରାଗାନୁଗା ମାର୍ଗ ପ୍ରଭୃତି ବହୁ ମତବାଦର ପ୍ରଚାର ଓ ପ୍ରସାର ଘଟି ଭକ୍ତି ଆନ୍ଦୋଳନକୁ ସୁଦୃଢ ଭିତ୍ତି ପ୍ରଦାନ କରିଛି । ସେଥି ମଧ୍ୟରୁ ଶ୍ରୀଚୈତନ୍ୟ ସମ୍ପ୍ରଦାୟର ଭକ୍ତି ଆନ୍ଦୋଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଗ ଅର୍ଥ ପ୍ରେମ ମାର୍ଗରେ କୃଷ୍ଣ ପ୍ରାପ୍ତି ସମ୍ଭବ ବୋଲି ସେ ବିଶ୍ୱାସ କରୁଥିଲେ । ସମ୍ପୂର୍ଣ୍ଣ ସମର୍ପଣ ହିଁ ଏହି ଭକ୍ତିର ମର୍ମକଥା । ସେ ସମୟରେ ଶ୍ରୀଚୈତନ୍ୟଙ୍କ ପ୍ରଦତ୍ତ ପ୍ରେମଭକ୍ତି ଧର୍ମ ଓଡିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଜୀବନଧାରାକୁ ପ୍ରଭାବିତ କରିଥିଲା । ଏହା ପୂର୍ବରୁ ଓଡିଶାର ଜଗନ୍ନାଥ ଦାସ ପ୍ରମୁଖ ପଞ୍ଚସଖା ଗୋଷ୍ଠୀଙ୍କ ସାଧନାରେ ଜ୍ଞାନମିଶ୍ରା ଭକ୍ତି ପ୍ରଚାରିତ ଥିଲା ଏଣୁ ଶ୍ରୀଚୈତନ୍ୟଙ୍କ ପ୍ରେମଭକ୍ତି ଧର୍ମ ସହ ଏକ ଅପୂର୍ବ ସମନ୍ୱୟ ସ୍ଥାପିତ ହୋଇ ସାହିତ୍ୟ ସମାଜ ଓ ସଂସ୍କୃତିକୁ ପ୍ରଭାବିତ କଲା । ଉତ୍କଳୀୟମାନଙ୍କର ଆରାଧ୍ୟ ଶ୍ରୀଜଗନ୍ନାଥ ଏଣୁ ପଞ୍ଚସଖା ଶ୍ରୀଜଗନ୍ନାଥଙ୍କର ଗୁଣଗାନ କରୁଥିବାବେଳେ ଗୌଡୀୟ ବୈଷ୍ଣବମାନଙ୍କର ଆରାଧ୍ୟ ଥିଲେ ଶ୍ରୀକୃଷ୍ଣ । ଅବଶ୍ୟ କାଳକ୍ରମେ ପଞ୍ଚସଖାଗଣ କୃଷ୍ଣଙ୍କୁ ଅବତାର ରୂପେ ଗ୍ରହଣ କରିନେଲେ । ସେ ଯାହା ହେଉ ଶ୍ରୀଚୈତନ୍ୟଙ୍କ ଓଡିଶା ଆଗମନ ପରେ ପଞ୍ଚସଖାଙ୍କ ସହ ସାକ୍ଷାତ ଏବଂ ଆଲୋଚନା ଉତ୍କଳୀୟ ଭକ୍ତି ଆନ୍ଦୋଳନକୁ ନୂଆ ଦିଗ ଦେବାରେ ସକ୍ଷମ ହୋଇଥିଲା । ଶ୍ରୀଚୈତନ୍ୟ ଉତ୍କଳରେ ପହଞ୍ଚିବାବେଳକୁ ବଳରାମ ଦାସ ଦାଣ୍ଡି ରାମାୟଣ ଓ ଜଗନ୍ନାଥ ଦାସ ଭାଗବତ ଲେଖି ସାରିଥିଲେ । ହେଲେ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ କବି ଯଶୋବନ୍ତ ଦାସ ଯିଏ କି ଅଖ୍ୟାତ ଥିଲେ ତାଙ୍କ ସମ୍ପର୍କରେ ସାମାନ୍ୟ ଆଲୋଚନା କରିବା ଏହି ନିବନ୍ଧର ଉଦ୍ଦେଶ୍ୟ ।

ଯଶୋବନ୍ତ ଦାସଙ୍କର ପ୍ରକୃତ ଜନ୍ମ ସମୟ ଠିକ ଭାବରେ ଜଣା ନଥିଲେ ମଧ୍ୟ ମାତା ରେଖାଦେବୀ ଓ ପିତା ଜଗୁ ମଲ୍ଲିକଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିବାର ପ୍ରମାଣ ମିଳେ । ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତି କବିଙ୍କ ଜନ୍ମ ସମୟ ୧୪୯୫ରୁ ୧୫୦୦ ମଧ୍ୟରେ ଅନୁମାନ କରୁଥିବା ବେଳେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ' ଗ୍ରନ୍ଥ ଅନୁସାରେ ଯଶୋବନ୍ତଙ୍କ ଜନ୍ମ ସମୟ ୩ +୧୭+୨ ପକ୍ଷ+୩ (ପୁର)୨୫ । ପଞ୍ଚସଖାର କବିଗଣଙ୍କ ରାଜା ପୁରୁଷୋତ୍ତମଙ୍କ ସମସାମୟିକ ଥିଲେ । ରାଜା ପୁରୁଷୋତ୍ତମଙ୍କର ୨୫ ଅଙ୍କ ଅର୍ଥାତ୍ ୧୪୮୬ରେ ଶିଶୁ ଅନନ୍ତଙ୍କର ଜନ୍ମ ହୋଇଥିବା ସମୟରେ ୨୫+୨=୨୭ଅଙ୍କ ଅର୍ଥାତ୍ ୧୪୮୮ ରେ ଜଗନ୍ନାଥ ଏବ ଯଶୋବନ୍ତ ଦାସଙ୍କର ଜନ୍ମ । ବଳରାମ ଏହି ଅଙ୍କର ଚାରି ବର୍ଷ ପୂର୍ବରୁ ଅର୍ଥାତ୍ ୧୪୮୪ରେ ଜନ୍ମ ଗ୍ରହଣ କରିଥିଲେ । କବିଙ୍କର ଜନ୍ମ ସମୟ ସମ୍ପର୍କରେ ସଠିକ ତଥ୍ୟ ନଥିଲେ ମଧ୍ୟ କବି ବୈଶାଖ ଶୁକ୍ଳ ବୃଷ ସାତ ଦିନ ନବମୀ ଆବିର୍ଭାବ ତିଥି ବୋଲି କେତେକ ଗବେଷକ ମତ ଦିଅନ୍ତି । ସେହିପରି କବିଙ୍କର ଜନ୍ମ ସ୍ଥାନକୁ ନେଇ ମଧ୍ୟ ବିବାଦ ଅଛି । କବିଙ୍କର ଜନ୍ମ ଅଡଙ୍ଗ ଗ୍ରାମ ବୋଲି ଗବେଷକ ସୂର୍ଯ୍ୟନାରାୟଣ ଦାସ ଲେଖିଥିବା ବେଳେ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରେମଭକ୍ତି-ବ୍ରହ୍ମଗୀତାରେ ଲେଖିଛନ୍ତି ଅଡଙ୍ଗ ନାଇଲୋ ଗ୍ରାମରେ ଜନ୍ମ ବୋଲି ଲେଖିଛନ୍ତି । ଆଜିବି ଅଡଙ୍ଗ ଗ୍ରାମରେ କବିଙ୍କ ତିରୋଧାନ ଦିବସ ପାଳିତ ହେଉଥିବାରୁ ଏବଂ ସେଠାରେ ମଠଟିଏ ଥିବାରୁ ସମ୍ଭବତଃ ଅଡଙ୍ଗ ହିଁ କବିଙ୍କ ପ୍ରକୃତ ଜନ୍ମସ୍ଥାନ ଏବଂ କବି ମାଘ ଶୁକ୍ଳଷଷ୍ଠୀ ବା ଓଢଣ ଷଷ୍ଠୀରେ ମହାଯାତ୍ରା କରିଥିବାରୁ ସେହି ଦିନରେ ଏଠାରେ ମେଳା ହୋଇଥାଏ ଯାହାକୁ ତାଙ୍କର ବଂଶଧରମାନେ ଏଯାବତ୍ କରିଆସୁଛନ୍ତି । ଯଶୋବନ୍ତଙ୍କୁ ଯେତେବେଳେ ମାତ୍ର ବାର ବର୍ଷ ହୋଇଥାଏ ସେତେବେଳେ ତାଙ୍କ ନିକଟରେ ସଂସାର ବୈରାଗ୍ୟ ଗୁଣମାନ ଦେଖାଯାଏ । ଏଣୁ ସେ ସେହି ବାଲ୍ୟକାଳରୁ ହିଁ ଗୃହତ୍ୟାଗୀ ହୋଇ ବିଭିନ୍ନ ତୀର୍ଥାଟନରେ ସମୟ ଅତିବାହିତ କରି ପୁରୀକୁ ପ୍ରତ୍ୟାବର୍ତ୍ତନ କରନ୍ତି । ସେତେବେଳକୁ ଶ୍ରୀଚୈତନ୍ୟ ପୁରୀରେ ଅବସ୍ଥାନ ପୂର୍ବକ ଜଗନ୍ନାଥ ଓ ବଳରାମ ଦାସ ତଥା ଅନ୍ୟ ବୈଷ୍ଣବମାନଙ୍କ ସହ ଭଗବତ ଚର୍ଚ୍ଚା ହେଉଥିଲା । ଯଶୋବନ୍ତ ଦାସ ସେହି ଭଗବତ ସ୍ରୋତରେ ନିଜକୁ ମିଶାଇ ଦେଇ ଚୈତନ୍ୟଙ୍କ ପ୍ରତି ବିଶେଷ ଆକୃଷ୍ଟ ହେବା ସହ ଦୀକ୍ଷା ଗ୍ରହଣ କଲେ । ଦୀକ୍ଷା ଗ୍ରହଣ ପରେ ସେ ନିଜ ଗ୍ରାମକୁ ଫେରିଆସି ସାଧନାରେ ଲାଗିଯାଆନ୍ତି । ତାଙ୍କର ଅଲୌକିକ ଗୁଣାବଳୀ ଲୋକମୁଖରେ ପ୍ରଚାର ହେବାକୁ ଲାଗେ ଫଳରେ ସେଠାକାର ଜମିଦାର ରଘୁରାମ ନିଜର ଭଗ୍ନୀ ଅଞ୍ଜନା ଦେବୀଙ୍କୁ ଯଶୋବନ୍ତ ଦାସଙ୍କୁ ଅର୍ପଣ କରିବା ସହ ମଠଟିଏ ନିର୍ମାଣ କରି ତା'ର ପରିଚାଳନା ନିମନ୍ତେ ଯଥେଷ୍ଟ ଭୂ-ସମ୍ପତ୍ତି ଖଞ୍ଜି ଦିଅନ୍ତି ।

ଯଶୋବନ୍ତ ଦାସଙ୍କ ଅଲୌକିକ ସାଧନାର କଥା କିମ୍ବଦନ୍ତୀ ଲୋକମୁଖରୁ ଲୋକମୁଖକୁ ପ୍ରସାରିତ ହୁଏ । ସେଥିରୁ କିଛି କିମ୍ବଦନ୍ତୀ 'ଶିବ ସ୍ୱରୋଦୟ' ପୁସ୍ତକର ମୁଖବନ୍ଧରେ ଲିପିବଦ୍ଧ କରାଯାଇଛି । ସେହି ଅନୁଯାୟୀ ଏକଦା ନଜିର ଶିଶ୍ୟମାନଙ୍କ ସହ ଯଶୋବନ୍ତ ପୁରୀ ଯାଉଥିବା ସମୟରେ ରାସ୍ତାରେ ବାସ କରୁଥିବା ଏକ ବ୍ରହ୍ମରାକ୍ଷସ ଯିଏ କି ବିଭିନ୍ନ ସମୟରେ ବହୁ ପଥାଚାରୀଙ୍କୁ ହଇରାଣ କରିଛି ସେ ଦିନ ମଧ୍ୟ ନିଜର ମାୟା ବିସ୍ତାର କରେ । ଯଶୋବନ୍ତ ନିଜର ଶକ୍ତି ବଳରେ ବ୍ରହ୍ମରାକ୍ଷସକୁ ଆୟତ୍ତକୁ ଆଣି ତାଙ୍କ ଆଗେ ଆଗେ ପୁରୀ ଅଭିମୁଖେ ଯିବାକୁ ନିର୍ଦ୍ଦେଶ ଦେଲେ । ବ୍ରହ୍ମ ରାକ୍ଷସଟି କଥା ମାନି ଆଗେ ଆଗେ ଯାଉଥାଏ । ତୁଣ୍ଡ ବାଇଦ ସହସ୍ର କ୍ରୋଶ ;ଏଣୁ କଥା ଯାଇ ପହଞ୍ଚିଲା ରାଜା ପ୍ରତାପରୁଦ୍ରଙ୍କ ପାଖରେ । ରାଜା ଘଟଣାର ସତ୍ୟାସତ୍ୟ ଜାଣିବାକୁ ଅଠରନଳା ପର୍ଯ୍ୟନ୍ତ ଆସି ଦେଖନ୍ତି ତ ବ୍ରହ୍ମ ରାକ୍ଷସ ଆଗେ ଆଗେ ବାଧଶିଶୁ ଭଳି ଚାଲିଛି । ରାଜା ଯଶୋବନ୍ତଙ୍କ ଯୋଗଶକ୍ତିରେ ମୁଗ୍ଧ ହୋଇ ତାଙ୍କର ଅଭ୍ୟର୍ଥନା କରିବା ସହ ଯଶୋବନ୍ତଙ୍କ ଅନୁରୋଧ କ୍ରମେ ବ୍ରହ୍ମରାକ୍ଷସକୁ ଗୁଣ୍ଡିଚାବାଡିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରଖିଲେ । ସେବେଠାରୁ ବ୍ରହ୍ମରାକ୍ଷସ ସେଠାରେ ବାବନାଭୂତ ହୋଇ ପୂଜା ପାଇ ଆସୁଛନ୍ତି । ତେବେ ନିଜ ସାଧନା ବଳରେ ନୁହେଁ ଜଣେ କବି ଭାବରେ ଯଶୋବନ୍ତ ଓଡିଶାର ପୁରପଲ୍ଲୀରେ ପରିଚିତି ପାଇଛନ୍ତି । ତାଙ୍କର ପ୍ରେମଭକ୍ତି ବ୍ରହ୍ମଗୀତା, ଗୋବିନ୍ଦ ଚନ୍ଦ୍ର ଗୀତା, ଶିବ ସ୍ୱରୋଦୟ, ଚଉରାଶି ଆଜ୍ଞା, ହେତୁ ଉଦୟ ଭାଗବତ, ରାସ ପ୍ରଭୃତି କେତୋଟି ଅମୂଲ୍ୟ ଗ୍ରନ୍ଥ ସହ ବଜ୍ର ଜଣାଣ, ମାଳିକା ଆଦି ତାଙ୍କ କବିତ୍ୱ ଶକ୍ତିର ମୂଲ୍ୟାୟନ କରେ । ଶିବ ସ୍ୱରୋଦୟ ଗ୍ରନ୍ଥରେ ପ୍ରତିପାଦ୍ୟ ବିଷୟ ଯୋଗସାଧନ ପ୍ରଣାଳୀ । ଶରୀର ରକ୍ଷା ଓ ତାକୁ ଯୋଗସାଧନାରେ ଉପଯୋଗୀ କରିବା ସଙ୍ଗେ ସଙ୍ଗେ ଯୋଗସାଧନାରେ ସହଜ ଓ ସରଳ ମାର୍ଗ ଏଥିରେ ଦର୍ଶାଯାଇଛି । ପ୍ରେମଭକ୍ତି ବ୍ରହ୍ମଗୀତା ଗ୍ରନ୍ଥ ପାଞ୍ଚଟି ଅଧ୍ୟାୟରେ କଥପୋକଥନ ଛଳରେ ଉତ୍କଳୀୟ ବୈଷ୍ଣବ ସମ୍ପ୍ରଦାୟର ଜ୍ଞାନମିଶ୍ରା ଭକ୍ତଯୋଗର ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି । ଏଥିରେ କବି ପ୍ରେମ ଓ ଜ୍ଞାନର ମଧୁର ସମନ୍ୱୟ ସ୍ଥାପନ କରିଛନ୍ତି । ପ୍ରେମରେ ଭଗବାନଙ୍କୁ ଲାଭ କରିବାର ଉପାୟ ମଧ୍ୟ ନିର୍ଦ୍ଦେଶ କରିଛନ୍ତି । "ପୁରୁଷ ଅଙ୍ଗରେ ନଯାଇଫା ଯାହାର ସଖୀ ଅଙ୍ଗ ଥାଇ ।।" ଅର୍ଥାତ୍ ସ୍ତ୍ରୀ ଅଙ୍ଗ ନଥାଇ ଜଗନ୍ନାଥ ବା ଗୋଲକଧାମକୁ ଯାଇହେବ ନାହିଁ । ସ୍ତ୍ରୀ ଅଙ୍ଗ ଅର୍ଥ ଗୋପୀଭାବ ବା ପ୍ରେମଭାବର ସାଧନ । ଯାହାଙ୍କର ପ୍ରେମଭାବ ନାହିଁ ସେ କେବେ ବି ଜଗନ୍ନାଥ ଦର୍ଶନ ବା ଗୋଲକକୁ ଯାଇପାରିବ ନାହିଁ । କବି ସେହିପରି ବଙ୍ଗଳାଶ୍ରୀ ରାଗରେ ରଚିତ 'ଗୋବିନ୍ଦ ଚନ୍ଦ୍ର ଗୀତା'ରେ ଯୋଗସାଧନା ବଳରେ ମଣିଷ ଅମରତ୍ୱକୁ ପ୍ରାପ୍ତ ହୋଇପାରେ ବୋଲି ବର୍ଣ୍ଣନା କରିଛନ୍ତି । ଏହି ଗ୍ରନ୍ଥରେ ସେ ସମୟର ସାମାଜିକ ଓ ପାରିବାରିକ ଚିତ୍ର ମିଳିବା ସଙ୍ଗେ ସଙ୍ଗେ ସୁନୀତି ଉପରେ କିପରି ଜୀବନର ବିକାଶ ନିର୍ଭର କରେ ତା'ର ଦୃଷ୍ଟାନ୍ତ ମଧ୍ୟ ମିଳେ । ସିଦ୍ଧ ସାଧିକା ମାତା ମୁକୁତା ଦେଇ ପୁତ୍ର ଗୋବିନ୍ଦ ଚନ୍ଦ୍ରଙ୍କୁ ରାଜକୁଳ ପରିତ୍ୟାଗ ପୂର୍ବକ ସଂସାରବିରାଗୀ ହୋଇ ଗୁରୁ ଗ୍ରହଣ ପୂର୍ବକ ଜୀବନର ଗତି ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁ ଚୟନରେ ଜାତି ଦେଖାଯାଏ ନାହିଁ ଏହା ଗୋବିନ୍ଦ ଚନ୍ଦ୍ରଙ୍କ ଗୁରୁ ହାଡିପାଙ୍କ ଠାରୁ ସୂଚନା ମିଳେ । ଭୋଗ ଅପେକ୍ଷା ତ୍ୟାଗ, ଜାତି ଅପେକ୍ଷା ଜ୍ଞାନର ମୂଲ୍ୟାୟନ ହେଉଥିବା କଥା ଏହି ଗ୍ରନ୍ଥ ସୂଚନା ଦିଅନ୍ତି । ଉକ୍ତ ଗ୍ରନ୍ଥରେ କବି ଜଗନ୍ନାଥଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ପୁସ୍ତକର କଥାବସ୍ତୁ ବେଶ ଆକର୍ଷକ । ଗ୍ରନ୍ଥଟିର ଘଟଣାପ୍ରବାହ ଏଭଳି ଭାବରେ ହୋଇଛି ଯେ ପାଠକ ଥରେ ପଢିବା ଆରମ୍ଭ କଲେ ଶେଷ ପର୍ଯ୍ୟନ୍ତ ନପଢିଲେ ରହିପାରେ ନାହିଁ । ଚମକପ୍ରଦ କଥାରୁ ଏହାର ଆରମ୍ଭ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନି ପୁରକୁ ଅବାଧରେ ଗମନ କରିପାରୁଥିବା ସିଦ୍ଧ ସାଧିକା ମୁକୁତା ଦେଈ ସ୍ୱାମୀ ଓ ପୁତ୍ରର ଆୟୁ ଜାଣିପାରନ୍ତି । ପୁତ୍ରର ଆୟୁ ମାତ୍ର ୨୧ ବର୍ଷ ଜାଣି ମନ ଦୁଃଖରେ ଭାଙ୍ଗିପଡନ୍ତି । ପୁଣି ନିଜକୁ ପ୍ରକୃତିସ୍ଥ କରି ହାଡିପାଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କରାଇ ଯୋଗ ବଳରେ ପୁତ୍ର ଗୋବିନ୍ଦ ଚନ୍ଦ୍ରଙ୍କ ଅମରତ୍ୱ ପ୍ରଦାନ କରନ୍ତି । ଏହି ଗ୍ରନ୍ଥର ପ୍ରତିଟି ଘଟଣା ସମସ୍ତଙ୍କୁ ମୁଗ୍ଧ କରିଛି । ସେ ସମୟ କାହିଁକି ଆଜି ବି ଗାଁ ଗଣ୍ଡାରେ ଯୋଗୀଟିଏ ଦେଖିଲେ ଲୋକେ ଟୀକା ଗୋବିନ୍ଦ ଚନ୍ଦ୍ରଙ୍କ ସେହି କଥା ଶୁଣିବାକୁ ମନ ବଳାଇଥାନ୍ତି । ଦୀର୍ଘ ୬୦୦ ଭର୍ଷ ଧରି ଗୋଟିଏ ଗ୍ରନ୍ଥ ତାର ଲୋକପ୍ରିୟତାକୁ ଏଯାବତ୍ ଅକ୍ଷୁଣ୍ଣ ରଖିପାରିଛି ।

କବି ସାଧକ ଅଲୌକିକ ଶକ୍ତିର ଅଧିକାରୀ ଯଶୋବନ୍ତ ଦାସ ମଧ୍ୟ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭଳି ଦିବ୍ୟଦ୍ରଷ୍ଟା ଥିଲେ । ସେ ଭବିଷ୍ୟତର ବହୁ କଥାକୁ ଜଣାଇ ସଚେତନ କରାଇ ପାରୁଥିଲେ । ନିଷ୍ଠାପର ଓ ଶୃଙ୍ଖଳିତ ଜୀବନଯାପନ କରିବା ସହ ଭଗବତ୍ ମାର୍ଗରେ ଜୀବନକୁ ପରିଚାଳିତ କରିବାକୁ ନିଜର ଅନୁଗାମୀମାନଙ୍କୁ ପ୍ରବର୍ତ୍ତାଉ ଥିଲେ ।

।। ଜୟ ଜଗନ୍ନାଥ ।।


ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

ମୋ.୮୬୫୮୫୦୫୯୭୮


# ସୀତାନବମୀ




ବିଦ୍ୟୁତ ଲତା ପଣ୍ଡା


ଚୈତ୍ର ଶୁକ୍ଳନବମୀ ରାମଙ୍କର ଜନ୍ମତିଥି ଭଳି ବୈଶାଖ ମାସ ଶୁକ୍ଳ ୯ମୀ ତିଥିରେ ମାତା ସୀତାଙ୍କର ଆବିର୍ଭାବ ତିଥି । ଏଣୁ ଏହି ତିଥିକୁ ସୀତାନବମୀ କୁହାଯାଏ । ଉଭୟଙ୍କର ଜନ୍ମତିଥି ନବମୀ ହୋଇଥିଲେ ମଧ୍ୟ ୧ ମାସର ଅନ୍ତର । ଧର୍ମ ସଂସ୍ଥାପନ ନିମନ୍ତେ ଭଗବାନଙ୍କୁ ବାରମ୍ବାର ଅବତାର ନେବାକୁ ପଡିଛି ଏବଂ ସବୁ ଅବତାରରେ ମାତା ଲକ୍ଷ୍ମୀଙ୍କର ସାହଚର୍ଯ୍ୟର ଆବଶ୍ୟକତା ପଡିଛି କେତେବେଳେ ରାଧା ତ କେତେବେଳେ ସୀତା ରୂପରେ । କାରଣ ସୀତା ହେଉଛନ୍ତି ମୂଳପ୍ରକୃତି । ସେ ଜଗନ୍ମାତା, ଜଗତର କ୍ଳେଶ ହାରିଣୀ ।

ଦେବୀ ସୀତାଙ୍କର ଜନ୍ମ ସମ୍ପର୍କରେ ବହୁ କଥା ଶୁଣିବାକୁ ମିଳେ । ଯେପରିକି- ଋଷି ଜନକ କ୍ଷେତରେ ହଳ କରୁଥିବା ସମୟରେ ମାଟିରୁ ସୀତା ଆବିର୍ଭୂତ ହୋଇଥିଲେ । ଜଳରେ କର୍ଷଣକୁ ସୀତା କୁହାଯାଏ, ଏଣୁ ସେହି ଅନୁସାରେ ଦେବୀଙ୍କ ନାମ ସୀତା ହୋଇଥିବା ସମ୍ଭବ । ମାତା ସୀତା ନିଜର ଲୀଳା ସାରି ଲୋକ ଅପବାଦରେ ରାମଚନ୍ଦ୍ରଙ୍କଠାରୁ ପରିତ୍ୟକ୍ତ ହେବା ଏବଂ ଶେଷରେ ଯେଉଁ ମାଟିରୁ ଅବିର୍ଭାବ ହୋଇଥିଲା ସେହି ମାଟିରେ ପୁଣି ସମାହିତ ହୋଇଯାଇଥିଲେ । ଭାରତୀୟ ନାରୀର ଆଦର୍ଶ କେବଳ ସୀତାମାତାଙ୍କର ଚରିତ୍ର ମାଧ୍ୟମରେ ରୂପାୟିତ ହୋଇଥିଲା । ଜୀବନରେ ସମସ୍ତ ଦୁଃଖ ସହି ମଧ୍ୟ ସ୍ୱାମୀଙ୍କ ବିରୁଦ୍ଧରେ ସ୍ୱର ଉ ଳନ କରିନଥିଲେ ।

ମାତା ସୀତାଙ୍କ ସାନିଧ୍ଯ ଲାଭ କରିବା ପାଇଁ ବ୍ରତଚାରୀ ଶୁକ୍ଳ ନବମୀରେ ବ୍ରତ ପାଳନ କରିଥାଏ । ବିଶେଷ କରି ରାମାନନ୍ଦୀ ବୈଷ୍ଣବ ସମ୍ପ୍ରଦାୟର ଏହା ଅତିପ୍ରିୟ ଉତ୍ସବ । ଏହି ପର୍ବଲାଗି ଅଷ୍ଟମୀରେ ବେଦୀ ନିର୍ମାଣ ହୋଇଥାଏ । ଏହା ମଧ୍ୟରେ ସୀତା ରାମଚନ୍ଦ୍ର ସହିତ ଜନକ, ମାତା ସୁନୟନା, ପୁରୋହିତ ଶତାନନ୍ଦ, ହଳ ଏବଂ ପୃଥିବୀର ପ୍ରତିକୃତି କରିବାକୁ ହୋଇଥାଏ । ଏହି ପ୍ରତିକୃତି ସମୂହକୁ ପ ଚାରରେ ଗନ୍ଧପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଆଦି ପ୍ରଦାନ ପୂର୍ବକ ଉପାସନା କରାଯାଏ ଏବଂ ପରିକର ସହିତ 'ଶ୍ରୀଜାନକୀ ରାମଭ୍ୟାଂ ନମଃ'ମନ୍ତ୍ର ଉଚ୍ଚାରଣ କରାଯାଇଥାଏ । ଏହାପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଏ । ରାମସୀତା, ଜନକ, ସୁନୟନା, ଶତାନନ୍ଦଙ୍କୁ ପ ଚାରରେ ପୂଜା କରାଯିବା ସହିତ ହଳକୁ ମଧ୍ୟ ପୂଜା କରାଯାଏ ଏବଂ ତତ୍‌ପରେ ପୃଥିବୀ ଦେବୀଙ୍କୁ ପ ଚାରରେ ପୂଜା କରାଯାଇ ଆରତୀ କରାଯାଇଥାଏ । ଏହାପରେ ପୁଷ୍ପାଞ୍ଜଳି, ପ୍ରଣାମ, ପ୍ରଦକ୍ଷୀଣ ଓ ଜାନକୀ ସ୍ତୋତ୍ର ପାଠ କରାଯାଏ । ଦଶମୀଦିନ ପାରାୟଣ କରାଯାଇ ବ୍ରତ ସମାପନ କରାଯାଇଥାଏ ।


+ମୟୂରଭଞ୍ଜ,

ମୋ.୯୯୩୮୧୨୨୮୨୬


# ତ୍ୟାଗ ଓ ସମର୍ପଣର ପ୍ରତିମୂର୍ତ୍ତି ମା ସୀତା




ଭାଗୀରଥି ସାଗର


ସୌନ୍ଦର୍ଯ୍ୟର ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି ନାରୀ ।ସେ ସୁହାଗିନି ହେଇ ଧରାଶାୟୀ ହେବାର ଶୁଭ ମନାସେ । ନିଜ ସିନ୍ଦୂର, ଶଙ୍ଖା, ଅଳିତା, କଜ୍ଜଳ ଓ ଅଳଙ୍କାରକୁ ଭାରି ଭଲ ପାଏ, ସମ୍ମାନ ଜାଣେ, ପୂଜାର୍ଚ୍ଚନା କରେ ।ପବିତ୍ର ବୈଶାଖ ଶୁକ୍ଳ ପକ୍ଷ ନବମୀ ଦିନ ସତୀ ଶିରୋମଣି, କଲ୍ୟାଣକାରିଣୀ, ଆଶିଷ ଦାୟିନୀ ମା ସୀତାଙ୍କ ଆବିର୍ଭାବ ହୋଇଥିଲା, ଏଣୁ ଏହି ଦିନଟି ସିତା ନବମୀ ଭାବରେ ବିଖ୍ୟାତ ।ଦେବୀ ସୀତା ଥିଲେ ପରମ ପୁରୁଷ, ଦିବ୍ୟ କାନ୍ତି ସମ୍ପନ୍ନ ମର୍ଯ୍ୟାଦା ପୁରୁଷ ଶ୍ରୀ ଶ୍ରୀ ରାମ ଚନ୍ଦ୍ରଙ୍କର ସହଧର୍ମିଣୀ । ସୁତରାଂ ଏହି ଦିନ ଦେବୀ ସୀତାଙ୍କ ସହ ଶ୍ରୀରାମଚନ୍ଦ୍ର ମଧ୍ୟ ପୂଜା ପାଆନ୍ତି ।ଏହି ଦିନ ସେହି ସୁହାଗିନି ରମଣୀ ନିଜ ଶଙ୍ଖା ସିନ୍ଦୂର ବଳବ ର ରହିବାପାଇଁ ମାଆ ସୀତା ଦେବୀଙ୍କ ପୂଜା କରିବା ସହ ବ୍ରତ ପାଳନ କରନ୍ତି ।

ପବିତ୍ର ଗ୍ରନ୍ଥ ରାମାୟଣ ଅନୁଯାୟୀ ଏକଦା ମିଥିଳା ରାଜ୍ୟରେ ବହୁ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଉ ନ ଥିଲା ।ରାଜା ଜନକ ବହୁତ ଚିନ୍ତିତ ହୋଇ ପଡିଲେ । ଏଇଥି ପାଇଁ ସେ ଋଷି ମୁନିଙ୍କ ମାର୍ଗଦର୍ଶନ ଲୋଡିଲେ । ସେମାନେ ତାଙ୍କୁ କହିଲେ, ଯଦି ରାଜା ଜନକ ହଳ କରନ୍ତି ତେବେ ଇନ୍ଦ୍ର ଦେବ ସନ୍ତୁଷ୍ଟ ହୋଇ ରାଜ୍ୟରେ ବର୍ଷା କରେଇବେ ।ଋଷି ମାନଙ୍କର ପରାମର୍ଶ ଦେବା ଅନୁଯାୟୀ ବୈଶାଖ ମାସ ଶୁକ୍ଳ ପକ୍ଷ ନବମୀ ଦିନ ନରେଶ ଜନକ କ୍ଷେତରେ ହଳ ଚଳାଇବା ଆରମ୍ଭ କଲେ ।ହଳ କରୁ କରୁ କୌଣସି ଜିନିଷଟି ମାଟି ତଳେ ଥିବା ଯୋଗୁଁ ଚଷିବା ଅଟକିଗଲା ।ଏଣୁ ରାଜା ଜନକ ଏହି ସ୍ଥାନକୁ ଖଦନ କରିବାକୁ ଆଦେଶ ଦେଲେ, ଖୋଳିବାରୁ ଏହି ସ୍ଥାନରେ ଗୋଟିଏ କଳସ ପାଇଲେ ।ଆଶ୍ଚର୍ଯ୍ୟର କଥା ଏହି କଳସ ଭିତରୁ ଉଜ୍ଜ୍ୱଳ ଶୋଭିତ ଗୋଟିଏ କନ୍ୟା ରତ୍ନ ଥିଲା । ରାଜା ଜନକ ନିଜ ଝିଅ ଭାବି ତାଙ୍କର ପ୍ରତି ପୋଷଣ କଲେ ।ସେତେବେଳେ ହଳକୁ ସିତ୍ କୁହାଯାଉଥିଲା ।ତେଣୁ ଏହି କନ୍ୟାର ନାମ ରାଜା ଜନକ ସୀତା ରଖି ଥିଲେ ।

ଏହି ବ୍ରତ ପାଳନ କରୁଥିବା ନାରୀ ନିଜ ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସକାଳୁ ସ୍ନାନ କରି, ସୀତା ଦେବୀଙ୍କ ସହ ରାମଚନ୍ଦ୍ର ତଥା ଅନ୍ୟ ଦେବ ଦେବୀଙ୍କୁ ଗଙ୍ଗା ଜଳ ଦ୍ୱାରା ଅଭିଷେକ କରନ୍ତି । ମାତା ସୀତାଙ୍କର ଅଧିକରୁ ଅଧିକ ଧ୍ୟାନ କରନ୍ତି । ମାଆ ସୀତା ଓ ଭଗବାନଙ୍କ ଆରାଧନା କରି ଦୀପ ପ୍ରଜଳନ କରନ୍ତି । ଭଗବାନ ରାମ ଓ ମାତା ସୀତାଙ୍କୁ ଭୋଗ ଦିଅନ୍ତି ।

ସୀତା ମାଙ୍କ ବ୍ରତ ପାଳନ କଲେ କନ୍ୟା ଦାନ ଆଉ ଚାରି ଧାମ ଯାତ୍ରା କରିବା ସଦୃଶ ଫଳ ପ୍ରାପ୍ତ ହୁଏ ।ଏହି ଦିନ ସୁହାଗ ଦ୍ରବ୍ୟ ଦାନ କଲେ କନ୍ୟା ଦାନର ଫଳ ମିଳେ ।ଯେପରି ଚୁଡି, କୁମକୁମ୍ ଇତ୍ୟାଦି ।ଏହା ସହିତ ବିଶେଷ ଭାବରେ ପୂଜାର୍ଚ୍ଚନା କଲେ ମନୋବାଞ୍ଛା ପୁରାଣ ହୋଇଥାଏ ।ଆପଣ ପୁତ୍ର ପ୍ରାପ୍ତ କରିବାକୁ ଚାହୁଥିଲେ ସୀତା ସ୍ରୋତ ପଠନ କରିବା ଉଚିତ ।

ଦେବୀ ସୀତା ଥିଲେ ତ୍ୟାଗ ଓ ସମର୍ପଣର ପ୍ରତିମୂ ର୍ତ୍ତି ।ତାଙ୍କୁ ଆରାଧନା କରେ ସୁଖ, ସମୃଦ୍ଧି, ସନ୍ତାନ ସନ୍ତତି ଓ ପୁଣ୍ୟ ଫଳ ମିଳେ ।ତେଣୁ ଆସନ୍ତୁ ମାଙ୍କ ପୂଜା କରି ସକଳ ଦ୍ରବ୍ୟ ପ୍ରାପ୍ତ କରିବା ।ଏ ସମାଜରେ ସୃଷ୍ଟି କରିବା ଆଧ୍ୟାତ୍ମିକ ବାତାବରଣ ଓ ନିଜେ ହସି ଅନ୍ୟଙ୍କୁ ହସାଇବା ।


+ ଜୁନାଗଡ, କଳାହାଣ୍ଡି

ମୋ: ୯୩୩୭୬୨୪୮୯୯


# ଟି-ଲେନ୍ଥ ଡ୍ରେସ୍

ଟି-ଲେନ୍ଥ ଡ୍ରେସ୍ ଆଣ୍ଠୁ ତଳକୁ ଏବଂ ଆଙ୍କେଲ ଉପରକୁ ରହିଥାଏ । ନା ଅଧିକ ଖୋଲା ନା ଅଧିକ ଢାଙ୍କି ରଖିଥାଏ । ତେଣୁ ଏବେ ଏହି ଷ୍ଟାଇଲ୍ ଟ୍ରେଣ୍ଡରେ । ବର୍ଷାଦିନ ପାଇଁ ଟି-ଲେନ୍ଥ ଡ୍ରେସ୍ ପରଫେକ୍ଟ । ଆଙ୍କେଲ ଉପରକୁ ରହୁଥିବାରୁ ବର୍ଷାରେ ଆପଣଙ୍କ ଡ୍ରେସ୍ ଖରାପ ହେବାର ସମ୍ଭାବନା କମ୍ । ବଲିଉଡ୍ ସେଲିବ୍ରିଟିଙ୍କ ମଧ୍ୟ ଏହି ଷ୍ଟାଇଲ୍ ଖୁବ୍ ପସନ୍ଦ । ତେବେ ଟି-ଲେନ୍ଥ ଡ୍ରେସ୍‌କୁ ଆପଣ କିପରି ଷ୍ଟାଇଲ୍ ଷ୍ଟେଟମେଣ୍ଟରେର ସାମିଲ କରିବେ ଜାଣନ୍ତୁ କିଛି ଟିପ୍ସ ।



## ଫ୍ଲୋରାଲ କଟନ୍:

ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ୍ ସୁନ୍ଦର ଲାଗିଥାଏ । ଏହି ପ୍ରିଣ୍ଟର ଟି-ଲେନ୍ଥ ଡ୍ରେସ୍ ଏଲିଗାଣ୍ଟ ଲୁକ୍ ଦେଇଥାଏ । ତେବେ ଏହା ଯଦି କଟନ୍ ହୋଇଥିବ ଆହୁରି ଭଲ । କାରଣ ଆପଣ ଏହାକୁ ଡେଲି ରୁଟିନ୍‌ରେ ମଧ୍ୟ ସାମିଲ୍ କରିପାରିବେ ।

## ବଲି ଫିଟିଙ୍ଗ୍:

ଯଦି ଆପଣ ସ୍ଲିମ୍ ଟ୍ରିମ୍ ଅଛନ୍ତି ତା' ହେଲେ ବଡି ଫିଟିଙ୍ଗ୍ ଟି-ଲେନ୍ଥ ଡ୍ରେସ୍ ନିଅନ୍ତୁ । ଆଉଟିଙ୍ଗ୍ ଏବଂ ପାର୍ଟି ପାଇଁ ବଡି ଫିଟିଙ୍ଗ୍ ଡ୍ରେସ୍ ଭଲ ମାନିଥାଏ । ସିମରି, ବବଲଗମ୍ ପିଙ୍କ୍, ରୟାଲ୍ ବ୍ଲୁ, ଆଇଭୋରି ରେଡ୍ ରଙ୍ଗର ଡ୍ରେସ୍ କ୍ୟାରି କରନ୍ତୁ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ।

## ଅଫ୍ ସୋଲ୍ଡର:

ଅଫ୍-ସୋଲ୍ଡର ଟପ୍ ଝିଅମାନଙ୍କର ଖୁବ୍ ପସନ୍ଦ । ହେଲେ ଏଥର ଟପ୍ ବଦଦଳରେ ଟି-ଲେନ୍ଥ ଅଫ୍ ସୋଲ୍ଡର ଡ୍ରେସ୍ ନିଅନ୍ତୁ । ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ସାଙ୍ଗମାନଙ୍କ ସହ ଆଉଟିଂରେ ପିନ୍ଧି ଯାଇପାରିବେ । ସିଲ୍କ, କଟନ୍, କାନଭାସ୍, ଭେଲଭେଟ୍ ଫ୍ୟାବ୍ରିକ୍ ନିଅନ୍ତୁ ।

## ଫର୍ ଡ୍ରେସ୍:

ପୁରୁଣା ଡିଜାଇନର୍ ଡ୍ରେସ୍ ପିନ୍ଧି ବିରକ୍ତ ହୋଇଗଲେଣି କି ? ଫର୍ ଡ୍ରେସ୍ ସାମିଲ କରନ୍ତୁ ୱାର୍ଡରୋବ୍‌ରେ । ଟି-ଲେନ୍ଥ ଫର୍ ଡ୍ରେସ୍ ଫ୍ୟାଶନେବଲ ଲୁକ୍ ଦେଇଥାଏ । ଥିମ୍ ପାର୍ଟି ପାଇଁ ଏହି ଡିଜାଇନର୍ ଡ୍ରେସ୍ ବେଷ୍ଟ୍ ହୋଇଥାଏ । ଯଦି ଆପଣ ଏହି ଡ୍ରେସ୍‌ରେ ଆରାମ ଅନୁଭବ କରନ୍ତି, ତା'ହେଲେ ସବୁ ସମୟରେ କ୍ୟାରି କରିପାରିବେ ।

## ଷ୍ଟାଇପଡ୍ ଟୁ-ପିସ୍:

ଷ୍ଟାଇପଡ୍ ପାଟର୍ନ ଡିଜାଇନ୍ ସବୁବେଳେ ହିଟ୍ । ଷ୍ଟାଇପଡ୍ ଟୁ-ପିସ୍ ଟି ଲେନ୍ଥ ଡ୍ରେସ୍‌କୁ ବର୍ଷାଦିନିଆ ଫଙ୍କି ଫୁଟୱିୟର ସହିତ ମ୍ୟାଚ୍ କରି ପିନ୍ଧିପାରିବେ । ବର୍ଷାଦିନେ ଏହି ଡିଜାଇନର୍ ଡ୍ରେସ୍‌କୁ ଆରାମରେ କ୍ୟାରି କରିପାରିବେ । କୁଲ୍ ଲୁକ୍ ଦେଇଥାଏ ।







# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଗାଁ ଅବସ୍ଥା ଅସମ୍ଭାଳ....

ଦେଶର କେତେକ ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ମାତ୍ରା ହ୍ରାସ ପାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବିପଦରୁ ଦେଶ ମୁକ୍ତ ହୋଇନାହିଁ । କରୋନା ସ୍ଥିତି ପୂର୍ବଭଳି ଉଦ୍‌ବେଗଜନକ ଅବସ୍ଥାରେ ରହିଛି । ଦୈନିକ ସଂକ୍ରମଣ ସଂଖ୍ୟା କମିଥିବାବେଳେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି । ମଙ୍ଗଳବାର ଦିନ ଏହି ସଂଖ୍ୟା ଚାରି ହଜାର ତିନିଶହ ଉପରେ ରହି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ପରୋକ୍ଷରେ ସୂଚାଏ ଯେ, ସଂକ୍ରମଣ ସଂଖ୍ୟା ସାମୟିକ ଭାବେ କମିବାର ଲାଗିଥିଲେ ସୁଦ୍ଧା ଯେଉଁମାନେ ଏ ପର୍ଯ୍ୟନ୍ତ ଆକ୍ରାନ୍ତ ଅଛନ୍ତି ସେମାନେ ଗୁରୁତର ରହିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରତିଦିନ ଚାରି ହଜାରରୁ ଅଧିକ ଆକ୍ରାନ୍ତଙ୍କ ମୃତ୍ୟୁ ଦେଶ ପାଇଁ କୌଣସି ଦୃଷ୍ଟିରୁ ଆଶ୍ୱସ୍ତିକର ଖବର ନୁହେଁ । ସାମୁଦ୍ରିକ ଝଡ଼ବାତ୍ୟା ପରି କରୋନାର ଦ୍ୱିତୀୟ ଲହର ଏବେ ଦେଶର ସହରାଂଚଳକୁ ଘାଂଟିସାରିବା ପରେ ଗ୍ରାମାଂଚଳମୁହାଁ ହୋଇଛି ବୋଲି ଅନେକେ ଆଶଙ୍କା ପ୍ରକଟ କରନ୍ତି । ସେହି ଅନେକଙ୍କ ଭିତରେ ଚିକିତ୍ସାବିଜ୍ଞାନୀ ଓ ଭୂତାଣୁ ବିଜ୍ଞାନୀମାନେ ଅଛନ୍ତି । ସରକାରଙ୍କଠାରୁ ନେଇ ସାଧାରଣ ଜନତାଙ୍କ ମନରେ ସୁଦ୍ଧା ଅନୁରୂପ ଆଶଙ୍କା ଜାତ ହୋଇଛି । କାରଣ, ଗତବର୍ଷର ପ୍ରଥମ ଲହର ବେଳେ ଦେଶର ଗ୍ରାମାଂଚଳ ପ୍ରାୟତଃ କରୋନା କବଳରୁ ମୁକ୍ତ ରହିଥିଲା । ସେତେବେଳେ ଗ୍ରାମାଂଚଳରୁ ସଂକ୍ରମଣଙ୍କ ସଂଖ୍ୟା ସେପରି ଆଖିଦୃଶିଆ ଭାବେ ଜଣାପଡ଼ିନଥିଲା । କିନ୍ତୁ ଏବେ ଗ୍ରାମାଂଚଳକୁ ଏହା ଧୀରେ ଧୀରେ ସଂକ୍ରମିତ ହେଉଥିବା ମନେହୁଏ । ଏହାର କାରଣ, ଗତବର୍ଷ ଗୋଷ୍ଠୀ ସଂକ୍ରମଣ କିମ୍ବା କରୋନା ଭୂତାଣୁ ବାୟୁବାହିତ ବୋଲି କେହି କହିବାକୁ ସୁଦ୍ଧା ପ୍ରସ୍ତୁତ ନଥିଲେ । ଏବେ କିନ୍ତୁ ତାହା ସ୍ପଷ୍ଟ ହୋଇଛି । ପୁଣି ଗ୍ରାମାଂଚଳ ଓ ସହରାଂଚଳ ଭିତରେ ଆଉ ବିଶେଷ ପାର୍ଥକ୍ୟ ନାହିଁ । ପରିବହନ ସୁବିଧା, ରାସ୍ତାଘାଟ ସେହି ଦୂରତ୍ୱକୁ କମାଇ ଦେଇଛି । ଫଳରେ ପ୍ରତିଦିନ ସହରାଚଂଳ ଓ ଗ୍ରାମାଂଚଳ ଭିତରେର ଏକ ଅଦୃଶ୍ୟ ଜୀବନସ୍ରୋତ ପ୍ରବାହିତ ହେଉଛି । ତାହା ହିଁ ହେଉଛି କରୋନା ବ୍ୟାପିବାର ସମ୍ଭାବ୍ୟ କାରଣ । ତେବେ ଦେଶର ଗ୍ରାମାଂଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉ ଅବା ନପାଉ, ସେଥିପାଇଁ ପୂର୍ବରୁ ସକଳ ପ୍ରକାର ପ୍ରସ୍ତୁତିର ଆବଶ୍ୟକତା ରହିଛି । ଏବେସୁଦ୍ଧା ଦେଶର ୬୭ ପ୍ରତିଶତରୁ ଅଧିକ ଲୋକ ଗ୍ରାମାଂଚଳରେ ବସବାସ କରନ୍ତି । ଗ୍ରାମାଂଚଳରେ ସମୟାନ୍ତରରେ ଯେଉଁଠାରେ କୌଣସି ମହାମାରୀ ସ୍ଥାନୀୟ ଭାବେ ମୁଣ୍ଡ ଟେକେ, ସେଥିରେ ଅନେକ ଲୋକଙ୍କ ପ୍ରାଣହାନି ଘଟିଥାଏ । ଏହାର କାରଣ ସହରାଂଚଳ ତୁଳନାରେ ଗ୍ରାମାଂଚଳ ଲୋକଙ୍କ ଭିତରେ ସଚେତନତା କମ୍ ଏବଂ ସେମାନେ ଏଭଳି ପାରସ୍ପରି ସଭାବର ବାତାବରଣର ଭିତରେ ବସବାସ କରନ୍ତି ଯେ ସଂକ୍ରମଣ ବ୍ୟାପିବା ଲାଗି ତାହା ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ଅନ୍ୟପକ୍ଷରେ ଗ୍ରାମାଂଚଳର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ମଧ୍ୟ ଦୁର୍ବଳ । ତେଣୁ ଲୋକମାନଙ୍କ ପାଖରେ ସହସା ଚିକିତ୍ସା ସେବା ପହଂଚିବା ମଧ୍ୟ କଷ୍ଟସାଧ୍ୟ । ସମ୍ଭାବ୍ୟ ସ୍ଥିତି ଯେ କରୋନାର ଅଦୃଶ୍ୟ ଶୃଙ୍ଖଳକୁ ତୁଟାଇ ଏହାକୁ ଗ୍ରାମାଂଚଳମୁହାଁ ହେବାକୁ ନଦେବା ସବୁଠାରୁ ବଡ଼ ଉପାୟ । ଏହା ଦେଶର ପ୍ରାୟ ୮୦ କୋଟିରୁ ଅଧିକ ଲୋକଙ୍କୁ ସୁରକ୍ଷିତ ରଖିପାରିବ । ଅନ୍ୟପକ୍ଷରେ ଏବେଠାରୁ ଗ୍ରାମାଂଚଳରେ କୋଭିଡ୍ ସଂକ୍ରମଣ ମୁକାବିଲା ନିମନ୍ତେ ବ୍ୟାପକ ଭିତ୍ତିଭୂମିକୁ ପ୍ରସ୍ତୁତ ରଖାଯିବା ଆବଶ୍ୟକ । ତଦ୍ୱାରା ଉତ୍ପନ୍ନ ସ୍ଥିତିର ମୁକାବିଲା କରାଯାଇପାରିବ । ଯେହେତୁ ଦେଶରେ କରୋନା ତା'ର କାୟା ସମୟାନ୍ତରରେ ବଦଳାଇ ଚାଲିଛି, କେଉଁ ରାଜ୍ୟରେ କେଉଁ ଅଂଚଳରେ କି ପ୍ରକାର କରୋନା ଭୂତାଣୁ ତାଣ୍ଡବଲୀଳା ସଂଘଟିତ କରିବ ତାହା ଅନୁମାନ କରିବା କାଠିକର ପାଠ । ତେଣୁ ଟିକାକରଣ ସହିତ ଚିକିତ୍ସା ସଂସାଧନ ମହଜୁଦ ରଖିବା ଓ ଚିକିତ୍ସାସେବା ସହିତ ଜଡ଼ିତ ମାନବ ସମ୍ବଳକୁ ମୁତୟନ କରିବା ଏକମାତ୍ର ବିକଳ୍ପ ପନ୍ଥା ଭାବେ ବିବେଚନା କରାଯାଇପାରେ । ଏଥିପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଏବଂ ଜିଲ୍ଲା ପ୍ରଶାସନଠାରୁ ନେଇ ପଂଚାୟତସ୍ତର ଯାଏଁ ସମସ୍ତେ ଏବେଠାରୁ ଅଂଟା ଭିଡ଼ି ସତର୍କ ରହିବା ଜରୁରି ।

## ନୀରବ ମୀମାଂସା...

ପଦ୍ମାଳୟା ସାମଲ



କବିତା କୋଣାର୍କ

ମୋର ନୀରବ ସମର୍ପଣକୁ ଅଧୀର ଆବେଗରେ
ଆତ୍ମୀୟତାରେ ପାଛୋଟି ନେଲାବେଳେ,
ଅଳ୍ପ କେତୋଟି ନିଜସ୍ୱ ଅଭିବ୍ୟକ୍ତି
ଅକ୍ରୋଶର ଶରବ୍ୟ ହୁଅନ୍ତି କାହିଁକି ?

ନିଜକୁ ସ୍ଥିର କରିବାର ସାଧ୍ୟାତୀତ
ପ୍ରଚେଷ୍ଟା କେମିତି କେଜାଣି, ଅଜଣାତରେ ସାଧିତ ହୋଇଯାଏ ।
ତେବେ ବି ମୁଁ ନିଜକୁ ବା ତୁମକୁ କ୍ଷମା ଦେଇ ପାରେନି
ମୋର ଆକୁଳ ପ୍ରତିଶ୍ରୁତି ଓ ତୁମର ଅବୁଝା ଅନ୍ୱେଷାର
ଅନ୍ତରଙ୍ଗ ଭେଟାଭେଟି କ୍ଷଣମାନଙ୍କରେ ।

ସାଗର ଛାତି ପାତେ, ନଦୀ ଆକୁଳ ହୁଏ
ତେବେ ବି ସାଗର ସଙ୍ଗମରେ ଅନେକ ବାଧା ।
ବଚନବଦ୍ଧତା କେବେ ଜନ୍ମ ନେଇ
ଦ୍ରୁମଟିଏ ପାଲଟି ସାରିଥାଏ
ଭିନ୍ନ ଇଚ୍ଛା ଅନିଚ୍ଛାକୁ ପରାହତ କରି ।

ନୀଳ ନିର୍ଜନରେ ଲହରୀ ଖେଳାଇ
କାଶତଣ୍ଡୀ ଫୁଲ ଫୁଟେ, କେବେ ଝରିଯାଏ
ସବୁ ମିଛ ପ୍ରହେଳିକା ମନେ ହେଲେ ବି, ମାୟା କଟେନା ।
ବରଂ ଅବିରତ ଜୀବନ ଚାଲେ, ହାରିବା ହରାଇବା ଭିତରେ ।

ସମୟ ସାଥିରେ କେବେ ଆତ୍ମା ମାନି ନିଏ
ବନ୍ଧନ ଦୃଢ଼ ହୁଏ
ଅମାନିଆ ମନ, ସନ୍ଦିଗ୍ଧ ବିବେକକୁ
ଅଗତ୍ୟା ସ୍ୱୀକାର କରିବାକୁ ପଡେ
ଭବିତବ୍ୟର ମୀମାଂସାକୁ ।


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨


## ପ୍ରଥମ ଜିଲ୍ଲାପାଳ ସାର୍ ହେନେରୀ ରିକେଟ୍


ବିଶ୍ୱନାଥ ରଣା


ଜଣେ ରାଜା ନହୋଇ ମଧ୍ୟ ରାଜାତୁଲ୍ୟ ଯେ ନିଜର କର୍ତ୍ତବ୍ୟ ବାଲେଶ୍ୱର ମାଟିରେ ଏକଶହ ଚଉରାନବେ ବର୍ଷ ପୂର୍ବରୁ ପ୍ରଜା ବତ୍ସଳତା ପାଇଁ ସ୍ମରଣ ହୁଅନ୍ତି । ସେ କେହି ନୁହନ୍ତି, ଇଂଲଣ୍ଡର ମହାରାଣୀଙ୍କ ଦ୍ୱାରା ନିଯୁକ୍ତ ବାଲେଶ୍ୱରର ପ୍ରଥମ ଜିଲ୍ଲାପାଳ ମହାମାନ୍ୟ ହେନେରୀ ରିକେଟ୍‌କୁ ସେ ମଧ 'ସାର୍' ଉପାଧିରେ ଭୂଷିତ କରିଥିଲେ । ସାର୍ ହେନେରୀ ରିକେଟ୍, ବାଲେଶ୍ୱରରେ ରହଣି କାଳ ୧୮୨୭-୧୮୩୬ ଯାଏଁ । ଏଠାରେ ମରହଟ୍ଟା ଶାସନ କାଳ ୧୭୫୧ରୁ ୧୮୦୩ ପର୍ଯ୍ୟନ୍ତ ଥିଲା । ଇଂରେଜ ନୌସେନାଧକ୍ଷ ସାର୍ ଫ୍ରାନ୍‌ସିସ୍ ଓ୍ୱାଲଟିଅର୍ ସ୍ଥଳ ସେନାଧକ୍ଷ ମାର୍ଟିନ୍ ସାହେବ ତା ୨୧/୦୯/୧୮୦୩ ବୁଧବାର ଦିନ ବାଲେଶ୍ୱର ସହରକୁ ଦଖଲ କଲେ । ଯୁଦ୍ଧରେ ମରହଟ୍ଟା ସୈନ୍ୟ ତିନିଜଣ ମଲେ ଏବଂ ଆଉ ତିନି ଚାରିଜଣ ପରମିଟ୍ ଘାଟ ବାଟେ ପଳାୟନ କଲେ । ବାଲେଶ୍ୱର ଇଂରେଜ ବାହାଦୂର୍‌ର ମୂଳକ ହୋଇଗଲା । ବାଲେଶ୍ୱର କଟକ ଜିଲ୍ଲାପାଳଙ୍କ ଅଧିନରେ ୧୮୦୩ରୁ ୧୮୨୧ ଯାଏଁ ଅଠର ବର୍ଷ ଶାସିତ ହେବାପରେ କଟକରୁ ଜଣେ ସବ୍‌କଲେକ୍ଟର ବାଲେଶ୍ୱର ଆସି ଏଠିକାର ଶାସନ ଦାୟିତ୍ୱରେ ଅବସ୍ଥାପିତ ହେଲେ ।

ପ୍ରତ୍ୟେକ୍ଷ ଶାସନର ଅସୁବିଧାକୁ ଲକ୍ଷ୍ୟ କରି ବାଲେଶ୍ୱରରର ଏକ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟ ପାଇଁ ଏହାର ପରିସୀମା ମେଦିନୀପୁର ସହ ଜଳେଶ୍ୱର ମିଶାଇବା ସଙ୍ଗେ ସଙ୍ଗେ ଭଦ୍ରକ ଏବଂ ଯାଜପୁର ଯାଏଁ ବିସ୍ତୃତ ହୋଇଥିଲା । ଏହି ବିସ୍ତୃତ ସୀମା ହିଁ ପ୍ରଥମ ବାଲେଶ୍ୱର ଜିଲ୍ଲାର । ପରବର୍ତ୍ତୀ ସମୟରେ ଯାଜପୁର ଏବଂ ମେଦିନୀପୁର ବାଲେଶ୍ୱର ଜିଲ୍ଲା ମଧ୍ୟରୁ ବାହାର କରି ଦିଆଗଲା ।

ଓଡ଼ିଶା କହିଲେ ପୂର୍ବ ସମୁଦ୍ର ତଟ ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ ଏବଂ ସମ୍ବଲପୁର ଆଦି ସ୍ଥାନକୁ ବୁଝାଉ ଥିଲା ।

ସେତେବେଳେ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଆଇ.ଏ.ଏସ୍ ଏବଂ ଆଇ.ପି.ଏସ୍ ଭଳି ଦୁଇଟି ବିଭାଗ ନଥିଲା ।

ଜିଲ୍ଲାପାଳ ଆଇ.ପି.ଏସ୍. ପଦବୀ ଧାରୀ ତୁଲ୍ୟ ଦୁଇଟି ଦାୟିତ୍ୱ ବହନ କରୁଥିଲେ ।

ଇଂଲଣ୍ଡରୁ ଆସି ପ୍ରଥମ ଜିଲ୍ଲାପାଳ ରୂପେ ହେନେରୀ ରିକେଟ୍ ବାଲେଶ୍ୱର ଠାରେ (୧୮୨୭ ରୁ ୨୧/୫/୧୮୩୬) ଯାଏଁ ଦାୟିତ୍ୱ ନିର୍ବାହ କରିଥିଲେ ।

ବାଲେଶ୍ୱର କୋଠିବାଡ଼ି ଠାରେ ତାଙ୍କର ବାସଭବନ ଥିଲା । ଜିଲ୍ଲାପାଳଙ୍କ ସହଧର୍ମିଣୀ ଲେଡି ରିକେଟ୍ (ଜେନ୍) ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିଲେ । ସେତେବେଳେ ସମାଜରେ ମହିଳାଙ୍କ ମୃତ୍ୟୁହାର ଅଧିକ ଥିଲା । ସ୍ତ୍ରୀ ଲୋକମାନେ ରୋଗଗ୍ରସ୍ତା ହେଲେ ମଧ ଚିକିତ୍ସା ପାଇଁ ଘରୁ ବାହାରୁ ନଥିଲେ ।

ଜିଲ୍ଲାପାଳଙ୍କ ବାସଭବନ ସମ୍ମୁଖରେ ବଡ଼ ପିତ୍ତଳ ଘଣ୍ଟାଟିଏ ଲଗାଯାଇଥିଲା । ଆତୁର ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଘଣ୍ଟା ବଜାଇଲେ, ଜିଲ୍ଲାପାଳଙ୍କ ସହଧର୍ମିଣୀ ରୋଗିଣୀଙ୍କୁ ଦେଖୁଥିଲେ ବା ବୁର୍ଖା ପରିଧାନ କରି ମହିଳା ରୋଗିଣୀଙ୍କ ଘରକୁ ପରିଦର୍ଶନରେ ଯାଉଥିଲେ ।

ଛୋଟିଆ ସହର ବାଲେଶ୍ୱର । କୌଣସି ସ୍ଥାନରେ ଗଣ୍ଡଗୋଳ ବା ଚାଳଘରେ ନିଆଁ ଲାଗିଗଲେ ଜିଲ୍ଲାପାଳ ଘୋଡ଼ା ପିଠିରେ ତୁରନ୍ତ ସେହି ସ୍ଥାନକୁ ଯାଉଥିଲେ । ଦୋଷୀକୁ ସେ ସମୟରେ ଦଣ୍ଡବିଦାନ କରୁଥିଲେ । ନରହତ୍ୟାର ମଧ ସେ ସୁବିଚାର କରିପାରୁଥିଲେ । ସେହି ଦିନରୁ ବାଲେଶ୍ୱର ଏକ ଶାନ୍ତ ସହରର ମର୍ଯ୍ୟାଦା ଲାଭ କରି ଆସିଅଛି । ବାଲେଶ୍ୱର କଲେକ୍ ଏରିଏନ୍ ପ୍ରଥମ ସ୍ଥାପନା ଦିବସ ତା ୨୧/୦୫/୧୮୨୭ ଦିବସ ସ୍ମରଣେ ।

୧୮୩୧ ମସିହାରେ ବାଲେଶ୍ୱରଠାରେ ସମୁଦ୍ର ଜଳ ପ୍ଳାବନ (ତୁୟଲାବି) ସୁନାମୀ ଘଟିଥିଲା । ରିପୋର୍ଟ ଅନୁଯାୟୀ ବାରଶହ ମନୁଷ୍ୟ ଏବଂ ଦଶ ହଜାରରୁ ଉର୍ଦ୍ଧ୍ୱ ଗୋରୁଗାଈ ବାଲେଶ୍ୱର ଜିଲ୍ଲାରେ ମରିଥିଲେ । ବାଲେଶ୍ୱର ଜିଲ୍ଲାରେ ୧୮୦୫ ମସିହା ପରେ ୧୮୩୧ ମସିହାରେ ଠିକ୍ ଭାବେ କୃଷି ଜମିଜମା, ନଦୀନାଳ, ପାହାଡ଼ ଏବଂ କଳାଡ଼ିହର ସୁବନ୍ଦୋବସ୍ତ କରାଇଥିଲେ । ଜିଲ୍ଲାପାଳ ମରୁଡ଼ି, ଦୁର୍ଭିକ୍ଷ ଏବଂ ବନ୍ୟା ସମୟରେ ପ୍ରପୀଡ଼ିତ କ୍ଷତିଗ୍ରସ୍ତ ଲୋକଙ୍କୁ ଚୂଡ଼ା, ଚାଉଳ ଦ୍ୱାରେ ଦ୍ୱାରେ କିଛି ବ୍ୟାଗ୍‌ରେ ଘୋଡ଼ା ପିଠିରେ ନେଇ ବାଣ୍ଟୁଥିଲେ । ସବୁଠାରୁ ବଡ଼ ଘଟଣା ୧୮୩୬ ମସିହାରେ ସମ୍ବଲପୁର ଏବଂ ବାଲେଶ୍ୱର କଚେରୀରୁ ପାର୍ସୀ ଭାଷା ଉଠାଇ ଦେଇ ଦଲିଲ୍ ଏବଂ ଅର୍ଜି ଓଡ଼ିଆ ଏବଂ ଇଂରାଜୀରେ ପ୍ରଚଳନ କରାଇଥିଲେ ହେନେରୀ ରିକେଟ୍ । ଫକୀରମୋହନଙ୍କ ଜନ୍ମର ସାତବର୍ଷ ପୂର୍ବରୁ ଜଣେ ଇଂରେଜ ଶାସକଙ୍କ ଏହିଭଳି ଓଡ଼ିଆ ପ୍ରୀତି ନିମନ୍ତେ ଓଡ଼ିଆ ଜାତି ଏହି ଦିଂବଗତ ଜିଲ୍ଲାପାଳଙ୍କ ନିକଟରେ ନତ ମସ୍ତକ ।

ଜଳପଥରେ ଗମନାଗମନ ସୁବିଧା ପାଇଁ ମତେଇ ଏବଂ ଗୋମେଇ ନଦୀ ମଧ୍ୟରେ ଏକ ନାଳ ଖୋଳି ସଂଯୋଗ କରିଥିଲେ । ଏହା ରିକେଟ୍ ନାଳ ନାମରେ ଖ୍ୟାତ । କୋଷ୍ଟ କେନାଲ୍‌ର ଏହା କିଛି ଅଂଶ । ଏହି କେନାଲ ଦ୍ୱାରା ବଡ଼ ବଡ଼ ପାଲଟଣା ବୋଝ ମାନ୍ଦ୍ରାଜରୁ କଲିକତା ବିନା ଦ୍ୱିଧାରେ ଜଳପଥରେ ଯା' ଆସ କରିପାରୁଥିଲେ ।

ସମୁଦ୍ର କୂଳେ କୂଳେ ପାଦଚଲା ରାସ୍ତାକୁ ଚଉଡ଼ା ମାଟି ରାସ୍ତାରେ ରୂପାନ୍ତରିତ କରିଥିଲେ । ଏହା ସଲଟ୍ ରୋଡ ନାମରେ ଖ୍ୟାତ । ସ୍ୱାଧୀନତା ପରେ ବାଲେଶ୍ୱରର ପ୍ରଥମ ବିଧାୟକ ୰ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ ଏହି ସଡ଼କକୁ ପିଚୁ ରାସ୍ତାରେ ରୂପାନ୍ତରିତ କରିଥିଲେ । ବାଲେଶ୍ୱରବାସୀଙ୍କ କୃଷି, ନୌବାଣିଜ୍ୟ ଏବଂ ଲୁଣ ଉତ୍ପାଦନ ମୁଖ୍ୟ କାର୍ଯ୍ୟ ଥିଲା । ବାଲେଶ୍ୱରୀ ପଙ୍ଗାଲୁଣର ଚାହିଦା ସୁଦୂର ରେଙ୍ଗୁନ୍, କଲିକତା ଏବଂ ମାନ୍ଦ୍ରାଜ ଯାଏଁ ରହିଥିଲା । ବାଲେଶ୍ୱର ବନ୍ଦର ପୋର୍ଟ ଅଫିସ୍‌ର ବାର୍ଷିକ ରିପୋର୍ଟ ଅନୁଯାୟୀ ଦଶହଜାର ମହଣରୁ ଉର୍ଦ୍ଧ୍ୱ ଲୁଣ ଏଠାରୁ ବିଦେଶକୁ ରପ୍ତାନୀ ହୋଇଥିଲା ।

ଗ୍ରୀଷ୍ମକାଳରେ ସମୁଦ୍ର କୂଳରେ ଲୋକେ ସମୁଦ୍ର ଜଳ ଫୁଟାଇ ଲୁଣ ବାହାର କରୁଥିଲେ । ବାଲେଶ୍ୱର ମ୍ୟୁନିସିପାଲିଟି ସ୍ଥାନରେ ରିକେଟ୍ ସାହେବ ସରକାରୀ ଲୁଣ ଗୋଲା ସ୍ଥାପନ କରିଥିଲେ । ଲୋକେ ଉଚିତ୍ ଦାମ୍‌ରେ ଲୁଣ ଦେଇ ମୂଲ୍ୟ ପାଉଥିଲେ । ଲୁଣ ଗୋଲା ପାଖରେ ପୋଖରୀ ନାମ ଗୋଲାପୋଖରୀ ନାମରେ ସୁବିଦିତ ।

ପୂର୍ବରୁ ବାଲେଶ୍ୱର ସହରରେ ବହୁତ ପଡ଼ିଆ ଓ ପୋଖରୀ ଥିଲା । ମଶା ଉପଦ୍ରବ ଯୋଗୁ ବାଲେଶ୍ୱର ମ୍ୟାଲେରିଆ ପ୍ରପୀଡ଼ିତ ଅଞ୍ଚଳ ଥିଲା । ମ୍ୟାଲେରିଆରେ ଜେନ୍‌ଙ୍କ ବାରବାଟୀ ଠାରେ ୧୮୩୬ରେ ଦେହାନ୍ତ ହୋଇଗଲା । ବାରବାଟୀ କବରଖାନା ଠାରେ ତାଙ୍କର ସମାଧି ଦିଆଗଲା । ଏବେ ତାହା ସୁଦୃଶ୍ୟ । ଜିଲ୍ଲାପାଳ କଟକ, ସମ୍ବଲପୁର ଆଦି ଜିଲ୍ଲାରେ ଜିଲ୍ଲାପାଳ ହେବା ପରେ ମଧ୍ୟପ୍ରଦେଶକୁ ବଦଳି ଯାଇଥିଲେ ।

୧୮୫୩ ମସିହାରେ ଓଡ଼ିଶା ପ୍ରଦେଶର କମିଶନର ରୂପେ ଚାରିବର୍ଷ ଦାୟିତ୍ୱ ନିଭାଇଥିଲେ । ଅବସର ପରେ ସେ ଇଂଲଣ୍ଡ ଫେରିଗଲେ ।

୧୮୬୬ ମସିହାରେ ସୁଦୂର ବିଲାତରୁ ବାଲେଶ୍ୱରବାସୀ ନଅଙ୍କ ଦୁର୍ଭିକ୍ଷ ପ୍ରପୀଡ଼ିତ ହେବାର ଦୁଃଖ ଦୁର୍ଦ୍ଦଶା ଶୁଣି ତତ୍‌କାଳୀନ ବାଲେଶ୍ୱର ଜିଲ୍ଲାପାଳ ବିଗ୍‌ନୋଲଡ୍‌ଙ୍କ ନିକଟକୁ ପାଞ୍ଚଶତ ଟଙ୍କା ପଠାଇଥିଲେ । ସରକାର ତାଙ୍କ ପ୍ରଦତ୍ତ ଅର୍ଥକୁ ଗ୍ରହଣ କରି ନଥିଲେ । ସେ ଅର୍ଥରେ ପ୍ରାଇଭେଟ୍ ଭାବେ ରେଙ୍ଗୁନ୍‌ରୁ ଖୁଦ ଚାଉଳ ଅଣାଯାଇ ଭୋକିଲା ଲୋକଙ୍କୁ ଦିଆଗଲା ।

ଜଣେ ପ୍ରଜାବତ୍ସଳ ଅବସରପ୍ରାପ୍ତ ଜିଲ୍ଲାପାଳ ଭାବେ ତିରିଶ ବର୍ଷ ପରେ ମଧ ସେ ତାଙ୍କ ପ୍ରଜାଙ୍କ ପେଟରେ କ୍ଷୁଧାକୁ ସୁଦୂର ବିଲାତରୁ ଅନୁଭବ କରିପାରିଥିଲେ । ସେ ସାଧାରଣ ମନୁଷ୍ୟ ପଦବାଚ୍ୟ ନୁହଁନ୍ତି । ଫେବୃଆରୀ ୧୮୮୬ ମସିହାରେ ଇଂଲଣ୍ଡରେ ରିକେଟ୍ ସାହେବ ମହାପ୍ରୟାଣ ଲାଭ କଲେ । ସେ ତାଙ୍କ ଇଚ୍ଛାପତ୍ରରେ ନିଜ ପତ୍ନୀଙ୍କ ଜେନ୍‌ଙ୍କ ସମାଧି ନିକଟରେ ନିଜର ସମାଧି ଦେବାପାଇଁ ଶେଷ ଇଚ୍ଛା କରିଥିଲେ ।

ସୁଦୂର ଇଂଲଣ୍ଡରୁ ଏକମାସ ଧରି ସମୁଦ୍ର ପଥରେ ତାଙ୍କ କଫିନ୍ କଲିକତା ଅଣାଯାଇ କଲିକତାରୁ ବାଲେଶ୍ୱର ଆଣି ବାରବାଟୀ ଠାରେ କବର ଦିଆଗଲା । ଜେନ୍‌ଙ୍କ ମୃତ୍ୟୁର ପଚାଶ ବର୍ଷ ଅତିକ୍ରମ ହେବାପରେ ମାର୍ବଲ ଫଳକରେ ଯୁଗ୍ମ ସମାଧି ମନ୍ଦିର ପାଦ ଦେଶରେ ଲେଖାଥିଲା ।

He Never Forgot Balasore Nor Orissa

ଆମ ଅଞ୍ଚଳର ପ୍ରତ୍ନତତ୍ତ୍ୱ ଏବଂ ଐତିହାସିକ ସ୍ମାରକୀଗୁଡ଼ିକ ସରକାରୀ ତଥା ବେସରକାରୀ ଭାବେ ସଂରକ୍ଷିତ ହେଇ ପାରିନାହିଁ । ଏକଥା ଜାଣିବାର ପଚିଶ ବର୍ଷ ପରେ ମୁଁ ତାଙ୍କ ଫଟୋଚିତ୍ର ବିଦେଶରୁ ସଂଗ୍ରହ କଲି ।

We Balesorian never forgot our beloved sir henery Ricket of England.


+ଐତିହ୍ୟ ଭବନ, ପତ୍ତୁଆଁପଦା, ବାଲେଶ୍ୱର
ମୋ: ୯୪୩୯୨୨୦୪୩୨


## ସାବଧାନ ନହେଲେ ଅଧ୍ୟୟନର ବିଷୟ ପାଲଟିବ ଭାରତ !




ଗୋପାଳ ମହାପାତ୍ର


(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପରବର୍ତ୍ତୀ ସମୟରେ ସଂଘର୍ଷର ଏହି ଧାରାକୁ ମହାରାଷ୍ଟ୍ରରେ ଶିବାଜୀ, ମଧ୍ୟଭାରତରେ ଛତ୍ରସାଲ ଏବଂ ପାବରେ ଶିଖଗୁରୁ ମାନେ ଆଗକୁ ନେଇଥିଲେ ଓ ମୋଗଲ ଶାସକ ମାନଙ୍କୁ ନାକେଦମ୍ କରିଥିଲେ । ବ୍ରିଟିଶ ବା ଇଂରେଜ ଶାସନ ବିରୁଦ୍ଧରେ ଏହି ଧାରାର ବୀରମାନେ ୧୮୫୭ର ସଂଗ୍ରାମର ରଚନା କରିଥିଲେ । ୧୮୫୭ର ସଂଗ୍ରାମ ବିଫଳ ହେବାର ବର୍ଷକ ପରେ କୁକା ଆନ୍ଦୋଳନ ଏବଂ ସଶସ୍ତ୍ର ସଂଗ୍ରାମରେ ଭାଗ ନେଇ ଚନ୍ଦ୍ରଶେଖର ଆଜାଦ୍, ଠାକୁର ରୋଶନ ସିଂହ, ରାମପ୍ରସାଦ ବିସମିଲ୍ଲା, ବାସୁଦେବ ବଳବନ୍ତ ଫଡ଼କେ, ମଦନଲାଲ ଧିଙ୍ଗରା, ଖୁଦିରାମ ବୋଷ, ପ୍ରଫୁଲ୍ଲଚନ୍ଦ୍ର ଚାକି ଆଦି ଅନେକ କ୍ରାନ୍ତିକାରୀ ଫାଶିରେ ଚଢିଥିଲେ । ଆବଶ୍ୟକୀୟ ସାଧନ ନଥାଇ ମଧ ସୁବାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରି ଶତ୍ରୁର ଛାତି ଥରାଇ ଦେଇଥିଲେ । କଂଗ୍ରେସରେ ଏହି ଧାରାର ପ୍ରଭାବ ଲୋକମାନ୍ୟ ତିଳକ, ପଣ୍ଡିତ ମଦନ ମୋହନ ମାଲବ୍ୟ, କହ୍ନେୟାଲାଲ୍ ମାଣିକଲାଲ ମୁନସି ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭଳି ନେତାଙ୍କ ଠାରେ ଦେଖିବାକୁ ମିଳିଥିଲା । ଏଇ ଧାରାରେ କିଛି ମୁସଲମାନ ନେତା ମଧ ସାମିଲ ଥିଲେ ଯେଉଁମାନେ ଭାରତକୁ ନିଜର ଦେଶ ବୋଲି ଭାବୁଥିଲେ ଏବଂ ସନାତନ ପରମ୍ପରା ସହ ସଂଶ୍ଳିଷ୍ଟ ହୋଇ ରହିଥିଲେ । ଦାରାଶିକାଙ୍କ ଠାରୁ ଆରମ୍ଭ କରି ଆସଫାକ୍ ଉଲ୍ଲା ଖାଁ, ବୀର ଅବଦୁଲ ହମିଦ୍ ଏବଂ ଏପିଜେ ଅବଦୁଲ୍ କାଲାମଙ୍କ ଭଳି ଅସଂଖ୍ୟ ଭାରତୀୟ ମୁସଲମାନଙ୍କ କୃତିତ୍ୱ ଏକଥାର ମୁକସାକ୍ଷୀ ।

ଭାରତର ସନାତନ ପରମ୍ପରା, ସାଂସ୍କୃତିକ ମାନ୍ୟତା, ଧାର୍ମିକ ପ୍ରତିଷ୍ଠାନ ଏବଂ ଜୈନ, ବୌଦ୍ଧ ଆଦି ଭାରତୀୟ ଚିନ୍ତନଧାରା ସବୁର ସ୍ଥିତି ପାଇଁ, ହିନ୍ଦୁତ୍ୱର ଅସ୍ତିତ୍ୱ ପାଇଁ ଏହି ଧାରା ସଂଘର୍ଷ କରି ଚାଲିଛି । ଏହି ପରମ୍ପରା ଧାରାର ଲୋକେ ସ୍ୱାଧୀନ ଭାରତରେ ଜରୁରୀକାଳୀନ ପରିସ୍ଥିତି ଦେଖିଛନ୍ତି ଏବଂ ଗୋଧ୍ରା ରେଳଷ୍ଟେସନରେ ଲୋକଙ୍କୁ ଜୀବନ୍ତ ଜଳାଇ ଦେବାର ଦୃଶ୍ୟ ମଧ ଦେଖିଛନ୍ତି । ରାଜନୈତିକ ବିଦ୍ୱେଷର ନିଆଁରେ ଆତ୍ମଗୌରବ ଏବଂ ସ୍ୱାଭିମାନକୁ ବଳି ଦେଇ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ଦ୍ୱିତୀୟ ପରମ୍ପରାର ଲୋକଙ୍କ ଚରିତ୍ର ସିକନ୍ଦରଙ୍କୁ ସହାୟତା କରିଥିବା ରାଜା ଅମ୍ଭିଙ୍କ ଚରିତ୍ର ଭଳି । ବିଳାସମଗ୍ନ ମଗ୍ଧ ରାଜା ଧନାନନ୍ଦଙ୍କର ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ଉଦାସୀନ ମନୋଭାବ ମଧ ଏହି ପରମ୍ପରା ଧାରାର ଆଦିସ୍ରୋତ । ଏହି ଧାରା ବିଦେଶୀ ଆକ୍ରମଣକାରୀଙ୍କୁ ସହଯୋଗ କରି ଭାରତୀୟତାର ରକ୍ଷକ ଶକ୍ତିର ବିନାଶକ ସାଜି ଶାସନ ସୁଖ ଭୋଗ କରିବାର ଲାଳସା ରଖିଥାନ୍ତି । ମହମ୍ମଦ ଘୋରୀଙ୍କୁ ଜୟଚନ୍ଦ୍ରଙ୍କ ସହାୟତା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ରାଜା ମାନସିଂହ ଏବଂ ତୋଡରମଲ ଆଦି ଆକବରଙ୍କୁ ଶକ୍ତିମାନ କରିବାରେ ସହାୟତା କରିଥିଲେ ଓ ମେୱାରର ପରାଭାବର କାରଣ ହୋଇଥିଲେ । ଶିବାଜୀଙ୍କ ସମୟରେ ରାଜା ଜୟସିଂହ ମଧ ଏହି ପରମ୍ପରାର ଧ୍ୱଜବାହକ ଥିଲେ । ଆଉରଙ୍ଗଜେବ ନିର୍ଦ୍ଧନ ହିନ୍ଦୁମାନଙ୍କ ଉପରେ ଜିଜିଆ କର ଲଗାଇଥିଲେ ଓ ବଳପୂର୍ବକ ଧର୍ମ ପରିବର୍ତ୍ତନ ପାଇଁ ବାଧ କରୁଥିଲେ । ମନ୍ଦିର ଭାଙ୍ଗିବା ପାଇଁ ଆଇନ କରୁଥିଲେ ଏପରିକି ଭାରତୀୟ ପରମ୍ପରାକୁ ଧ୍ୱଂସ କରିବାର ଉଦ୍ୟମ କରୁଥିଲେ ମଧ ଜୟସିଂହ ଦୁଃଖ କରୁନଥିଲେ । ଜୟସିଂହ ନିଜ ଗାଦି ପାଇଁ ଅନ୍ୟ ଧର୍ମ ଉପରେ ଆକ୍ରମଣକୁ ସହି ଯାଉଥିଲେ । ଭାରତର ପ୍ରାୟତଃ ରାଜାମାନେ ମୋଗଲମାନଙ୍କର ଦାସତ୍ୱ ସ୍ୱୀକାର କରି ଶକ୍ତିହୀନ ହୋଇପଡିଥିଲେ ଓ ପରେ ଇଂରେଜମାନଙ୍କ ଦାସତ୍ୱ ମଧ ସ୍ୱୀକାର କରି ରାଜ୍ୟ ଶାସନ କରୁଥିଲେ । ଗାନ୍ଧୀ ନେହେରୁଙ୍କ କଂଗ୍ରେସ ଇଂରେଜମାନଙ୍କ ବିରୁଦ୍ଧରେ ଲଢେଇ ଆରମ୍ଭ କରିଥିଲେ ମଧ ଅନେକ ସମୟରେ ଇଂରେଜମାନଙ୍କୁ ସହଯୋଗ କରୁଥିଲା । ଭାରତୀୟମାନଙ୍କୁ ଅହିଂସାର ପାଠ ପଢାଇଥିବା କଂଗ୍ରେସର କେହି ନେତା ଇଂରେଜ ମାନଙ୍କ ଦ୍ୱାରା ଫାଶୀଦଣ୍ଡ ପାଇ ନାହାଁନ୍ତି । ମାନିସିଂହ ଏବଂ ଜୟସିଂହ ପରମ୍ପରାର ଏହି ନେତାମାନେ ଶାସନ ଗାଦିରେ ବସିବାର ମୋହରେ ଦେଶର ବିଭାଜନକୁ ମଧ ସ୍ୱୀକାର କରି ନେଇଥିଲେ । ଗୋଟିଏ ପଟେ ଦିଲ୍ଲୀ ଭାରତର ସ୍ୱାଧୀନତାର ଉତ୍ସବ ପାଳନ କରୁଥିବାବେଳେ ଅନ୍ୟପଟେ ପାକିସ୍ଥାନରେ ତୃତୀୟ ପରମ୍ପରାର ଲୋକେ ତାଣ୍ଡବ ସୃଷ୍ଟି କରି ହିନ୍ଦୁ ଓ ଶିଖ୍ ମାନଙ୍କର ସଂହାର କରୁଥିଲେ ହେଲେ ଦ୍ୱିତୀୟ ଧାରା ପରମ୍ପରାର ଲୋକେ ପୀଡିତ - ବିସ୍ଥାପିତ ମାନଙ୍କର ଦୁର୍ଦ୍ଦଶା ପାଇଁ ସେହିମାନଙ୍କୁ ଦାୟୀ କରି ଗାଦି ମଜଭୁତ କରିବାରେ ବ୍ୟସ୍ତ ଥିଲେ । ପରବର୍ତ୍ତୀ ସମୟରେ ଦେଶରେ ଏଭଳି ଧାରାର ଅନେକ ରାଜନୈତିକ ଦଳ ଉଭା ହୋଇଛନ୍ତି । ଏମାନଙ୍କ ସଫଳତା ସହ ତାଳ ମିଳାଇ ତୃତୀୟ ଧାରାର ଆକ୍ରମକତା ବଢିଯାଇଛି । ଭାରତର ମୂଳ ସଂସ୍କୃତି ଏବେ ସଙ୍କଟରେ । ପଶ୍ଚିମବଙ୍ଗର ପରିସ୍ଥିତିରୁ ଏକଥା ସ୍ପଷ୍ଟ ।

ମହମ୍ମଦ ଗଜନୀ ଏବଂ ମହମ୍ମଦ ଘୋରୀଙ୍କ ଆକ୍ରାମକ,ହିଂସକ ଏବଂ ସର୍ବଗ୍ରାହୀ ତୃତୀୟ ଧାରାର ବିକାଶ ଆଲ୍ଲାଉଦ୍ଦିନ ଖିଲିଜ୍, ବାବର, ଆକବର, ଆଉରଙ୍ଗଜେବ ଆଦିଙ୍କ ଶାସନ କାଳରୁ ଘଟିଛି । ସେମାନଙ୍କର ଇଚ୍ଛା ଭାରତ ବର୍ଷର ସମସ୍ତ ଚିନ୍ତନ-ଦର୍ଶନ, ଜ୍ଞାନ-ବିଜ୍ଞାନ, ମଠ ମନ୍ଦିର ଏବଂ ସାମାଜିକ ସାଂସ୍କୃତିକ ରୀତିନୀତିକୁ ସମାପ୍ତ କରିବା । ତୃତୀୟ ଧାରାର ଏହି ଲୋକମାନେ ଦ୍ୱିତୀୟ ଧାରାର ସହଯୋଗରେ ପରମ୍ପରାକୁ ନଷ୍ଟ କରିବା ସହ ସାରା ଦେଶରେ ନିଜର ସ୍ଥିତି ଜାହିର କରିବା ଉଦ୍ଦେଶ୍ୟରେ ଅଛନ୍ତି । ୭୦୦ରୁ ୮୦୦ବର୍ଷକାଳ ଏହି ଧାରାର ଶାସକମାନେ ଭାରତ ବର୍ଷକୁ ଶାସନ କରିଛନ୍ତି ଏପରିକି ଇଂରେଜଶାସନ ବେଳେ ଏହି ଧାରାର କେତେକ ନେତା ବ୍ରିଟିଶ ଶାସନକୁ ପ୍ରଭାବିତ କରିପାରିଥିଲେ । ଖିଲାପତ ଆନ୍ଦୋଳନ ସମୟରେ ମାଲାବାରରେ ମୋପଲା ମାନଙ୍କର ପୈଶାଚିକ ପଶୁତା, ନୂଆଖାଲିରେ ଭୀଷଣ ନରସିଂହାର ଆଦି ଘଟଣା ଏହାର ଉଦାହରଣ । ସ୍ୱାଧୀନତା ପ୍ରାପ୍ତି ସମୟରେ ଏହି ଧାରାର ନେତା ଦେଶକୁ ବିଭାଜନ କରି ନିଜର ଦୁରାଭିଳାଷ ପୂରଣ କରିଥିଲେ । ଦୁର୍ଭାଗ୍ୟର କଥା ଯେ ଦ୍ୱିତୀୟ ପରମ୍ପରାର ନେତା ଏବଂ ସେମାନଙ୍କ ସମର୍ଥକମାନେ ତୃତୀୟ ପରମ୍ପରାର ଅମାନବୀୟ ସ୍ୱରୂପ ସମ୍ପର୍କରେ ଜାଣି ମଧ ଚୁପ୍ ରହୁଛନ୍ତି । ତୃତୀୟ ପରମ୍ପରାରେ ଜନ୍ମ ନେଇଥିବା ହୁମାୟୁନ ଏବଂ ଦାରାସିକାଙ୍କ ଭଳି ଉଦାର, ବିଚାରଶୀଳ ଏବଂ ସହ ଅସ୍ତିତ୍ୱରେ ବିଶ୍ୱାସୀ ଇତିହାସ ପୁରୁଷଙ୍କ ନାମ ମଧ ଏହି ତୃତୀୟ ଧାରାର ନେତାମାନେ ତୁଣ୍ଡରେ ଧରୁନାହାଁନ୍ତି । ରହିମ୍, ରସଖାନ, ନଜିର ଅକବରାବାଦୀ ଏବଂ ଅକବର ଇଲ୍ଲାବାଦୀଙ୍କ ଭଳି ସମନ୍ୱୟକାରୀ କବି ଏମାନଙ୍କର ଗ୍ରହଣୀୟ ନୁହଁନ୍ତି ।

ତୃତୀୟଧାରାର କଠୋରତାକୁ ପ୍ରୋତ୍ସାହିତ କରୁଥିବା ଉଲେମା ଇକବାଲ ଏମାନଙ୍କର ନମସ୍ୟ । ସତ୍ୟ ହେଉଛି ତୃତୀୟ ଧାରାର ଆକ୍ରାମକ ମାନସିକତା ଅଧିକରୁ ଅଧିକ ଉଗ୍ର ହେଉଛି । ଅରବିନ୍ଦ କେଜରିୱାଲ ଶାସନକୁ ଆସିବା ମାତ୍ରେ ଦିଲ୍ଲୀରେ ଘଟିଥିବା ଦଙ୍ଗା ଏବଂ ବର୍ତ୍ତମାନର ପଶ୍ଚିମବଙ୍ଗର ଅବସ୍ଥାରୁ ଏକଥା ସ୍ପଷ୍ଟ ବୋଲି ଅନେକଙ୍କ ମତ ।

ତୃତୀୟ ଧାରାର ଆକ୍ରମକତା ବିରୁଦ୍ଧରେ ଲଢେଇ ଜାରି ରଖିଛି ପ୍ରଥମ ଧାରା । କିନ୍ତୁ ଦ୍ୱିତୀୟ ଧାରାର ସହଯୋଗ ବିନା ପ୍ରଥମ ଧାରାକୁ ସଫଳତା ମିଳିବା ଅସମ୍ଭବ । ଏବେ ଭାରତର ଜନସାଧାରଣ କାହାକୁ ସମର୍ଥନ କରିବେ ସେ କଥା ସେମାନେ ହିଁ ସ୍ଥିର କରିବେ । ଆମ ପୂର୍ବଜମାନଙ୍କ ତ୍ରୁଟି ପାଇଁ ଭାରତର ଏକ ବଡ଼ ଭୂଖଣ୍ଡ ଆଫଗାନିସ୍ଥାନ, ପାକିସ୍ଥାନ ଓ ବଙ୍ଗଳାଦେଶ ହୋଇସାରିଛି । କାଶ୍ମୀରର ସିଂହଭାଗ ପାକିସ୍ଥାନ କବଜାରେ । କିଛି ଅଂଶ ମଧ ଚୀନ ମାଡିବସିଛି । ଏବେ ନେତାମାନେ ଚେତିବା ଆବଶ୍ୟକ ନହେଲେ ଏହି ଶତାବ୍ଦୀ ଶେଷ ସୁଦ୍ଧା ଭାରତ ବର୍ଷ ୟୁନାନ, ରୋମ ଏବଂ ମିଶରର ପ୍ରାଚୀନ ସଭ୍ୟତା ଭଳି ଐତିହାସିକ ଅଧ୍ୟୟନର ବିଷୟ ପାଲଟିଯିବ । ଏଣୁ ବେଳହୁଁ ସାବଧାନ ହେବା ଜରୁରୀ ।

(ସମାପ୍ତ)


+ରାମଚନ୍ଦ୍ରପୁର,ରଣପୁର
ମୋ: ୯୪୩୮୪୮୫୦୯୪


କବିତା କୋଣାର୍କ

## ହେ ଜହ୍ନ ତୁମେ...

ପବିତ୍ର କୁମାର ସାହୁ

ସେଦିନର ଜହ୍ନ ତୁମେ ନିଦାଘର
ଥଣ୍ଡା ଜ୍ୟୋସ୍ନା ଢାଳି
କମ୍ପମାନ କଳେବରେ
ସ୍ଥିରତା ଭରିଲ
ଅଜସ୍ର ଶାନ୍ତିର ଜୁଆର ଭାଙ୍ଗିଲ
ନବ ଉନ୍ମାଦ, ଆହ୍ଲାଦ ପ୍ରକାଶିଲ
ଉଗ୍ରମନରେ ନବୀନ ଉଲ୍ଲାସ
ତୁମେ ହିଁ ଭରିଥିଲ
ବେରଙ୍ଗ ଜୀବନେ ରଙ୍ଗତୂଳୀଧରି
ପ୍ରେମରଙ୍ଗ ବୋଳିଥିଲ
ମାଧୁର୍ଯ୍ୟ ସାରଲ୍ୟ
ବର୍ଷାରେ ଭିଜାଇଥିଲ
ସୁନ୍ଦର ରୂପଚର୍ଯ୍ୟାରେ
ମୋତେ ସଜେଇଥିଲ
କେତେ ରାତ୍ରିର ସ୍ୱପ୍ନ
ତୁମେ ଚୋରେଇଥିଲ
ପୁଲକିତ ଉଚ୍ଛୁଳା ଯୌବନରେ
ଅସରାଏ ପ୍ରେମବାରି ଛିଞ୍ଚିଥିଲ
ଭଙ୍ଗନିଦ୍ରାରେ ନିଦ୍ରାଦେବୀ
ହୋଇ ସଞ୍ଚରିଥିଲ
ଅପୂର୍ଣ୍ଣ ଆକାଂକ୍ଷାରେ ପୂର୍ଣ୍ଣତା ଆଣିଥିଲ
ବେଦନା ଯନ୍ତ୍ରଣା ଘା'ରେ
ମଲମ ଲେପିଥିଲ
ମୋ ନୟନ ଅଶ୍ରୁକୁ ତୁମେ
ଠିକ୍ ଠିକ୍ ବୁଝିଥିଲ
ନିଶାର୍ଦ୍ଧରେ ତୁମେ ମେଘ ମହ୍ଲାର
ସାଜି ହୃଦୟ ପଙ୍କରେ
ଶ୍ୱେତ କୁମୁଦ ଫୁଟାଇଥିଲ
ବାଙ୍କଚାହାଁଣିରେ ନରମ ମନରେ
ପୁଷ୍ପନାରାଚ ବିନ୍ଧିଥିଲ
ଶାନ୍ତି ଦୟା ପ୍ରେମରସ ଗୁଣେ
ମୋ ଅନ୍ତଃପୁର ଶୁଦ୍ଧକଲ
ଅମାବାସ୍ୟାର ଘନ ତିମିର ଗ୍ରାସରେ
ତୋ ଚକ୍ଷୁକ୍ ଯୌବନରୂପ କଳବଳ
ଦେଖି ମୋ ବଢିଲା ଉଦ୍‌ବେଗ
ଭୟଭୀତ, ବିଷାଦିତ, ସ୍ତବ୍ଧ
ପୁଣି ଚଞ୍ଚଳ, ହଟାହଟ ଆଶଙ୍କାର
ପରିଧି ମଧ୍ୟରେ ଏ ମନ
ବନ୍ଦୀ, ଅଣନିଃଶ୍ୱାସୀ ହୋଇ
ଗୁଡୁମ୍ ହୋଇଛି ତା'ଅକଳ
ତୋ ବିପତ୍ତି ଦେଖି କେମନ୍ତେ ସହିବି
ହେ ପ୍ରିୟତମା ଜହ୍ନ !
କିଏ ଆଉ ଭରିଦେବ କହ
ଏ ବେଦନାପୂର୍ଣ୍ଣ ଯନ୍ତ୍ରରେ ପ୍ରାଣ ?
ହୃଦରେ ଧକ୍ ଧକ୍ ସ୍ପନ୍ଦନ ?
ଚାହିଁ ରହିଥିବି ହେ ସ୍ୱପ୍ନତରୁଣୀ !
ତୋ ଆଗମନର ପଥ
ନିଶ୍ଚୟ ଫେରିବୁ ଧରି ପୂର୍ବଚାରୁହାସ
ଅଭାଗା ବକ୍ଷରେ ବୁଣିଦେବୁ
ଶୀତାଂଶୁର ବୀଜ
ରୋମାଞ୍ଚ ଲହରୀ ପୁଷ୍ଟ ଖେଳିବ
ଉଚ୍ଛୁଳି ଏ ମନ ମହଲ
ହେ ଜହ୍ନ ତୁମେ,
ମୋ ସ୍ୱପ୍ନର ସାଥି ଥିଲ ।


+ସଂସ୍କୃତ ଶିକ୍ଷକ,
ଘଷିପୁରା, ଅତାସାହି, କେନ୍ଦୁଝର
ମୋ: ୯୭୭୭୫୬୦୯୨୧


## କୃଷ୍ଣଚୂଡା...

ଧ୍ରୁବ ଚରଣ ବେହେରା

ବସନ୍ତର ଅନ୍ତେ ଗ୍ରୀଷ୍ମ ହସି ଆସେ
ନିଦାଘ ବହଇ ଧରା
ସବୁଜିମା ରାଜି ଗାଉଥାଏ ଗୀତ
ଚଉଦିଗ ଦିଶେ ତୋରା ।

ରଙ୍ଗର ଓଢଣା ନାଇ କୃଷ୍ଣଚୂଡ଼ା
ସଜାଇ ଗଭାର ବେଣି
ପ୍ରୀତିର ରଙ୍ଗକୁ ପରଶି ଦିଅଇ
ନିଜକୁ ସଜାଇ ରାଣୀ ।

ମୃଦୁ ଛୁଆଁ ଦେଇ ବହଇ ସମୀର
ତନୁରେ ଖେଳାଏ ପ୍ରେମ
ଚହଲଇ ତାର ରୂପ ରଙ୍ଗ ଠାଣି
ଅଭୁଲା ଉପମା ସମ ।

ହଲି ଝୁଲି ତା'ର ନବ ଯଉବନ
ଫୁଟି ?ଉଠୁଥାଏ ମାତି
ସତେକି ପ୍ରେୟସୀ ମଧୁର କାନନେ
ଶୃଙ୍ଗାରେ ଯାଉଛି ଭାସି ।

ତୋ ପାଇଁ ପାଗଳ ପ୍ରେମିକ ପ୍ରବର
ଗାଆଇ ପ୍ରେମ ସାୟରୀ
କବିର କଲମୁ ଝରଇ କବିତା
କାବ୍ୟ ରୂପ ଥାଏ ଭରି ।

ଅନେକ ଋତୁକୁ କରି ଦେଇ ପର
ବିରସରେ ଭରୁ ପ୍ରୀତି
ଭାରି ଅଭିମାନୀ ରଙ୍ଗୀ କୃଷ୍ଣଚୂଡା
ନିଦାଘର ହେଲୁ ସାଥୀ ।

କାହା ପାଇଁ ପ୍ରେମ ଶୀତଳତା ସ୍ୱର୍ଣ୍ଣ
କା ପାଇଁ ଉଷ୍ମ ପ୍ରୀତି
ଗ୍ରୀଷ୍ମ ହୃଦ ଛୁଇଁ ହସେ କୃଷ୍ଣଚୂଡା
ଏହି ତା'ର ଋତୁ ସ୍ମୃତି ।


ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

# ଆସିଲା ବିଦ୍ୟା ବାଲାନଙ୍କ ନୂଆ ଫିଲ୍ମର ଜବରଦସ୍ତ ଲୁକ୍

ବଲିଉଡର ଅନ୍ୟତମ ପ୍ରତିଭାଶାଳୀ ଅଭିନେତ୍ରୀ ବିଦ୍ୟା ବାଲାନ ନିଜର ଆଗାମୀ 'ଶେରନୀ'କୁ ନେଇ ବହୁତ ଉତ୍ସାହିତ ଅଛନ୍ତି । ଫିଲ୍ମରେ ବିଦ୍ୟା ବାଲାନଙ୍କ ଜବରଦସ୍ତ ଲୁକ୍ ଜାରି ହୋଇଛି । ଏଥିରେ ସେ ଜଙ୍ଗଲରେ ଡ୍ୟାଶିଙ୍ଗ ଅନ୍ଦାଜରେ ନଜର୍ ଆସୁଛନ୍ତି । ଏହାସହ ଆମାଜନ ପ୍ରାଇମ୍ ଭିଡିଓ ପକ୍ଷରୁ ଫିଲ୍ମର ଗ୍ଲୋବାଲ୍ ପ୍ରିମିୟର ଆସନ୍ତା ମାସରେ ହେବ ବୋଲି ଘୋଷଣା କରାଯାଇଛି ।

'ନ୍ୟୁଟନ୍' ଫେମ୍ ଡାଇରେକ୍ଟର ଅମିତ୍ ମାସୁରକରଙ୍କ ଫିଲ୍ମ 'ଶେରନୀ'ରେ ବିଦ୍ୟା ବାଲାନ୍ ଲିଡ୍ ରୋଲରେ ଅଛନ୍ତି । ଜୁନରେ ରିଲିଜ୍ ହେବାକୁଥିବା ଏହି ଫିଲ୍ମରେ ଶରଦ ସାକ୍ସେନା, ମୁକୁଲ ଚଡ୍ଡା, ବିଜୟ ରାଜ, ବ୍ରିଜେନ୍ଦ୍ର କାଲା ଓ ନୀରଜ କବିଙ୍କ ଭଳି ଅଭିନେତା ମଧ୍ୟ ପ୍ରମୁଖ ଭୂମିକା ତୁଲାଉଛନ୍ତି ।

'ଶେରନୀ'ରେ ବିଦ୍ୟା ବାଲାନ୍ ଏକ ଦୃଢ଼ ଇଚ୍ଛାଶକ୍ତି ମହିଳା ଅଫିସର୍ ଭୂମିକାରେ ନଜର ଆସିବେ, ଯିଏ କଠିନ ପରିସ୍ଥିତିରେ ମଧ୍ୟ ନିଷ୍ଠାର ସହ ନିଜ କାର୍ଯ୍ୟ ତୁଲାଇବାକୁ ପ୍ରୟାସ କରନ୍ତି । ବିଦ୍ୟାଙ୍କ ଏହି ଫିଲ୍ମକୁ ଫ୍ୟାନ୍ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି । 'ଶେରନୀ' ସମ୍ବନ୍ଧରେ ଆମାଜନ ପ୍ରାଇମ ଭିଡିଓର ନିର୍ଦ୍ଦେଶକ ବିଜୟ ସୁବ୍ରମଣ୍ୟମ କହିଛନ୍ତି, ଗତ କିଛି ବର୍ଷ ଧରି ଆବନଡାଣ୍ଟିଆ ଏଣ୍ଟରଟେନମେଣ୍ଟ ଓ ଟି-ସିରିଜ୍ ନିଜର ରୋଚକ କଣ୍ଟେଣ୍ଟ ସହିତ ଭଲ କାହାଣୀ ଦର୍ଶାଉଥିବା ଏକ ପାୱାରହାଉସ୍ ପ୍ରମାଣିତ ହୋଇଛି । ଆମେ ସେମାନଙ୍କ ଆମର ସହଭାଗିତାକୁ ଅଧିକ ମଜଭୁତ୍ କରିବା ପାଇଁ ରୋମାଞ୍ଚିତ ।




# ଅନୁଷ୍କାଙ୍କ ଫଟୋ ଭାଇରାଲ

ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରୀର ଜଣାଶୁଣା ତଥା ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ଶେଟ୍ଟୀ । ତାଙ୍କ ଲୋକପ୍ରିୟତା କେବଳ ଦକ୍ଷିଣ ଭାରତ ମଧ୍ୟରେ ସୀମିତ ନୁହେଁ । ବାହୁବଳୀ ଫିଲ୍ମ ପରେ ତାଙ୍କର ପ୍ରସିଦ୍ଧି ଆହୁରି ବ୍ୟାପୀ ଯାଇଛି । ତେବେ ଏବେ ଅନୁଷ୍କା ଏକ ଭିନ୍ନ କାରଣରୁ ଚର୍ଚ୍ଚାରେ ରହିଛନ୍ତି । ସର୍ବଦା ଫିଟନେସକୁ ଗୁରୁତ୍ୱ ଦେଉଥିବା ଅନୁଷ୍କାଙ୍କର ଏମିତି ଏକ ଫଟୋ ସାମ୍ନାକୁ ଆସିଛି, ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଫଟୋଟି ସୋଶାଲ ମିଡିଆରେ ଭାଇରାଲ ହେଉଛି । ଏହି ଫଟୋରେ ସେ ମୋଟୀ ଜଣାପଡୁଛନ୍ତି । ତାଙ୍କ ଗାଲ ପୂରା ଫୁଲକା ଫୁଲକା ଦେଖାଯାଉଛି । ତଥାପି ବିନା ମେକଅପରେ ସେ ବେଶ ସୁନ୍ଦର ଦେଖାଯାଉଛନ୍ତି । ଫଟୋଟିକୁ ଦେଖିବା ପରେ କେହି କେହି କହୁଛନ୍ତି ଏହା ଲକଡାଉନର ପ୍ରଭାବ । ଲକଡାଉନ ଯୋଗୁ ଗତବର୍ଷ ଫିଲ୍ମ ଶୁଟିଂ ବନ୍ଦ ରହିଲା । ତେଣୁ କଳାକାରମାନେ ଘରେ ରହିଲେ ଓ ଫିଟନେସ



କଥା ଭୁଲି ଗଲେ । ଏମିତି କିଛି ଅନୁଷ୍କାଙ୍କ ସହିତ ଘଟିଥିବା କେହି କେହି କହୁଛନ୍ତି । ସୂଚନା ଅନୁଯାୟୀ, ଅନୁଷ୍କାଙ୍କର ଏହି ଫଟୋଟି ଏବର ନୁହେଁ । ଏହା ଗତ ବର୍ଷ ଡିସେମ୍ବର ମାସର ।

# ପୁଣି ରାମୁଙ୍କ ଫିଲ୍ମରେ ଓଡ଼ିଶା ଝିଅ ଅପସରା ରାଣୀ



ଜଣାଶୁଣା ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମା ନିଜର ଫିଲ୍ମ ଓ ମନ୍ତବ୍ୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରୁହନ୍ତି । ଏବେ ରାମ ଗୋପାଳ ବର୍ମା ନିଜର ପ୍ରଥମ ଲେସବିଆନ୍ କ୍ରାଇମ୍ ଡ୍ରାମା ଫିଲ୍ମ 'ଡେଞ୍ଜରସ୍' ପରଦା ଉପରକୁ ଆଣିବାକୁ ଯାଉଛନ୍ତି । ଏହି ଫିଲ୍ମରେ ପୁଣିଥରେ ଓଡ଼ିଶା ଝିଅ ଅପସରା ରାଣୀ ଅର୍ଥାତ୍ ଅଙ୍କିତା ମହାରଣାକୁ ନେଇଛନ୍ତି । ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଛି ଏବଂ ନାଁ ଅନୁସାରେ ଫିଲ୍ମଟି ମଧ୍ୟ ବହୁତ ଡେଞ୍ଜରସ୍ ଲାଗୁଛି । ଏହି ଫିଲ୍ମରେ ଦର୍ଶକଙ୍କୁ ସବୁକିଛି ମସଲା ଦେଖିବାକୁ ମିଳିବ ।

ଫିଲ୍ମରେ ଦୁଇ ଯୁବତୀଙ୍କ କାହାଣୀକୁ ଦର୍ଶାଯାଇଛି, ଯିଏ ଲେସବିଆନ୍ । ଫିଲ୍ମର ଟ୍ରେଲରରେ କୌଣସି ଡାଇଲଗ୍ ନାହିଁ, କିନ୍ତୁ ଏହାକୁ ଦେଖି ଜଣାପଡୁଛି ଯେ ଏହି ଦୁଇ ଯୁବତୀଙ୍କ ବୟଫ୍ରେଣ୍ଡ ସେମାନଙ୍କ ସହ ଖରାପ ବ୍ୟବହାର କରୁଛନ୍ତି । ଯେଉଁକାରଣରୁ ଦୁହେଁ ଲେସବିଆନ୍ ହେବାକୁ ବାଧ ହୋଇଛନ୍ତି । ଟ୍ରେଲରରେ ମସଲା ଭରପୂର ରହିଛି ଏବଂ ଫିଲ୍ମର ଥିମ ଅନୁଯାୟୀ ବହୁତ ହଟ୍ ସିନ୍ ଦର୍ଶକଙ୍କୁ ଦେଖିବାକୁ ମିଳିବ ।

ରାମ ଗୋପାଳ ବର୍ମାଙ୍କୁ ତାଙ୍କର ଆଗାମୀ ଫିଲ୍ମ 'ଡେଞ୍ଜରସ୍' ପାଇଁ ସୋଶାଲ ମିଡିଆରେ ଖୁବ୍ ସମାଲୋଚନାର ସାମ୍ନା କରିବାକୁ ପଡ଼ିଛି । ଏହି ଫିଲ୍ମରେ ନୈନା ଗାଙ୍ଗୁଲିଙ୍କ ବ୍ୟତୀତ ଅପସରା ରାଣୀ ଲିଡ୍ ରୋଲରେ ନଜର ଆସିବେ । ଫିଲ୍ମର ଟ୍ରେଲରେ ରାଜପାଲ୍ ଯାଦବଙ୍କୁ ମଧ ଦେଖିବାକୁ ମିଳିଛି । ଏହି ଫିଲ୍ମରେ ଓଡ଼ିଆ ଝିଅ ଅପସରା ରାଣୀଙ୍କ ଗ୍ଲାମରସ୍ ଅନ୍ଦାଜ ଦେଖିବାକୁ ମିଳିବ ।

ଏହା ପୂର୍ବରୁ ଅପସରା ରାମୁଙ୍କ 'ଥ୍ରୀଲର' ଫିଲ୍ମରେ ନଜର ଆସିଥିଲେ । ଏହି ଫିଲ୍ମଟି ଗତବର୍ଷ ରିଲିଜ୍ ହୋଇଥିଲା । ଆଉ ଏହି ଫିଲ୍ମର ଉଭୟ ନାୟକ ଓ ନାୟିକା ଥିଲେ ଓଡ଼ିଆ । ସେମାନେ ହେଲେ ଅପସରା ରାଣୀ ଓ ରକ୍ କାଚି ।

# ଟେଲି ଅଭିନେତ୍ରୀ ମୁନମୁନ ଦତ୍ତଙ୍କ ନାଁରେ ମାମଲା କଲା ପୁଲିସ୍

ଲୋକପ୍ରିୟ ଟେଲି ଅଭିନେତ୍ରୀ ମୁନମୁନ ଦତ୍ତଙ୍କ ବିରୋଧରେ ଇନ୍ଦୋର ପୁଲିସ୍ ମାମଲା କରିଛି । ସେ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ପ୍ରତି ଅପମାନଜନ ଶବ୍ଦ ପ୍ରୟୋଗ କରିଥିବାରୁ ତାଙ୍କ ବିରୋଧରେ ଏପରି ମାମଲା କରାଯାଇଛି । ନିକଟରେ ସେ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ କରିଥିଲେ । ଏହାର ଭିଡିଓ ଭାଇରାଲ ହେବାର ପରେ ମୁନମୁନ ଦତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା । ଅଖିଳ ଭାରତୀୟ ବଲାଇ ମହାସଂଘ ସଭାପତି ମନୋଜ ପାରମର ପ୍ରଥମେ ପୁଲିସ୍ ନିକଟରେ ମୁନମୁନ ଦତ୍ତ ବିରୋଧରେ ଏଫଆଇଆଇଆର କରିଥିଲେ । ତାଙ୍କ ଏଫଆଇଆରକୁ ଭିତ୍ତି କରି ଇନ୍ଦୋର ପୁଲିସ୍ ଅନୁସୂଚିତ ଜାତି ଓ ଜନଜାତି ଆଇନ ଅନୁଯାୟୀ ମାମଲା କରିଛି । ମନୋଜ ତାଙ୍କ ଅଭିଯୋଗରେ କହିଥିଲେ ଯେ ଅଭିନେତ୍ରୀ ମୁନମୁନ ଦତ୍ତ ନିଜ ଭିଡିଓରେ ଯେଉଁ ଅପଶବ୍ଦ ପ୍ରୟୋଗ କରିଛନ୍ତି, ତାହା ଅନୁସୂଚିତ ଜାତି ସଂପ୍ରଦାୟକୁ ଆଘାତ ପହଞ୍ଚାଇଛି । ବିଶେଷ କରି ବାଲ୍ମିକ ସଂପ୍ରଦାୟର ଲୋକ ଅଧିକ ଅପମାନବୋଧ କରିଛନ୍ତି । ତେଣୁ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏହାକୁ ଭିତ୍ତି କରି ପୁଲିସ୍ ମାମଲା କରିଛି । ଅନ୍ୟପକ୍ଷରେ ଲୋକପ୍ରିୟ ଟିଭି ସିରିଏଲ 'ତାରକ ମେହେଟା କା ଓଲଟା ଚମସା'ରେ ବବିତା ଚରିତ୍ରରେ ଅଭିନୟ କରୁଥିବା ମୁନମୁନ ନିଜର ଶବ୍ଦ ପାଇଁ ପୂର୍ବରୁ ହିଁ କ୍ଷମା ମାଗିଥିଲେ । ହେଲେ ଏହି କ୍ଷମା ଅନୁସୂଚିତ ଜାତି ବର୍ଗର ଲୋକଙ୍କୁ ସନ୍ତୁଷ୍ଟ କରିପାରି ନାହିଁ ।





# ଏକୁଟିଆ ଶୋଇବାକୁ ଡରନ୍ତି ଟାଇଗର୍

ବଲିଉଡ୍‌ର ଏନର୍ଜେଟିକ୍ ଆକ୍ଟର୍ ଟାଇଗର୍ ଶ୍ରଫ୍ ଖୁବ୍ କମ୍ ଦିନରେ ଚଳଚ୍ଚିତ୍ର ଜଗତରେ ନିଜ ପରିଚୟ ତିଆରି କରିଛନ୍ତି । ଛୋଟ ଛୁଆଙ୍କ ଠାରୁ ଆରମ୍ଭ କରି ବୁଢ଼ା, ଯୁବତୀ ସମସ୍ତେ ତାଙ୍କ ଆକ୍ସନ ଓ ରୋମାନ୍ସକୁ ପ୍ରଶଂସା କରିଆସିଛନ୍ତି । ତେବେ ଏହି ଆକ୍ସନ ହିରୋ ଆଜି ବି ରାତିରେ ଏକୁଟିଆ ଶୋଇବାକୁ ଭୟ କରନ୍ତି ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି । ଟାଇଗର୍ ଯେତେବେଳେ ଘରେ ଥା'ନ୍ତି, ତାଙ୍କ ମା'ଙ୍କ ପାଖରେ ଶୋଇଥାନ୍ତି । ଆଉ ବାହାରକୁ ସୁଟିଂ ପାଇଁ ଗଲେ ଚଳଚ୍ଚିତ୍ରର ଯେକୌଣସି ଜଣେ ଟିମ୍ ସଦସ୍ୟଙ୍କୁ ତାଙ୍କ ସହିତ ରହିବାକୁ ଅନୁରୋଧ କରନ୍ତି । ସବୁଠାରୁ ମଜାଦାର କଥା ହେଉଛି, ସେ ଆଜି ପର୍ଯ୍ୟନ୍ତ କେବେ ହେଲେ ଏକୁଟିଆ ହରର୍ ଚଳଚ୍ଚିତ୍ର ଦେଖିନାହାନ୍ତି । ତାଙ୍କୁ ଭୂତ ଉପରେ ଆଧାରିତ ଚଳଚ୍ଚିତ୍ର ଦେଖିବାକୁ ଭୟ ଲାଗେ ଓ ରାତିରେ ତାଙ୍କ ସ୍ୱପ୍ନରେ ଆସି ତାଙ୍କୁ ଡରାଏ ବୋଲି ସେ କହିଛନ୍ତି ।

ସେ ବର୍ତ୍ତମାନ 'ଗଣପତ୍' ଚଳଚ୍ଚିତ୍ରରେ ସୁଟିଂରେ ଅଛନ୍ତି । ମାତ୍ର କରୋନା ପାଇଁ ସୁଟିଂ ଅଧାରୁ ସ୍ଥଗିତ ଥିବା ବେଳେ ତାଙ୍କ ନାୟିକା ଭୂମିକାର କୃତି ସାନନ୍ ରହିଛନ୍ତି । ଚଳଚ୍ଚିତ୍ରକୁ ବିକାଶ ବହଲ୍ ନିର୍ଦ୍ଦେଶନା ଦେଇଛନ୍ତି ।

# ଅସହାୟଙ୍କ ସହାୟ

ଅସହାୟଙ୍କ ସହାୟ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ । କୋଭିଡ୍-୧୯ର ପ୍ରଥମ ଲହରରେ ମୁକ୍ତିଲାଭ କରିଥିଲା ବର୍ଷାଙ୍କ ମ୍ୟୁଜିକ୍ ଭିଡିଓ 'କିଛି ମାଗୁନାହିଁ ତତେ' । ନମିତା ମେଲେକା ଗାଇଥିବା ଏହି ଗୀତରେ ବର୍ଷାଙ୍କ ସହ ଅଭିନୟ କରିଥିଲେ



ଏସିଡ୍ ପୀଡିତା ପ୍ରମୋଦିନୀ ଓ ଦୃଷ୍ଟିବାଧିତ ଏବଂ ଦିବ୍ୟାଙ୍ଗମାନେ । ନମିତାଙ୍କ କଣ୍ଠରେ ରେକର୍ଡ ହୋଇ ଏ ଗୀତଟି ବେଶ୍ ଆଦୃତ ହୋଇଥିଲା । ଓଡ଼ିଶାର ରାନୁ ମଣ୍ଡଳ ଭାବେ ପରିଚିତ ନମିତାଙ୍କୁ ଗାଇବାର ସୁଯୋଗ ଦେଇଥିଲେ ବର୍ଷା । ବର୍ଷା ସୋସିଆଲ୍ ମିଡିଆରେ ନମିତାଙ୍କ କଣ୍ଠସ୍ୱର ଶୁଣି ବେଶ୍ ପ୍ରଭାବିତ ହୋଇଥିଲେ ଏବଂ ତାଙ୍କୁ ଭଜନ ତଥା ଚଳଚ୍ଚିତ୍ରରେ ଗାଇବାର ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଭଜନର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ପ୍ରେମ୍ ଆନନ୍ଦ । ଗୀତ ରଚନା କରିଥିଲେ ବିଜୟ ମଲ୍ଲ । ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଦେବାଶିଷ ସାହୁ । ବିଶେଷ ସହାୟତା କରିଥିଲେ କଟକ ସ୍ଥିତ ଆଶ୍ରୟ ସ୍କୁଲର ଶିକ୍ଷୟିତ୍ରୀ ସୁଜାତା ପଟ୍ଟନାୟକ ଓ ସୁସ୍ମିତା ।



# ଲୁଚି ଲୁଚି ବାହା ହୋଇଗଲେ ଗୀତା ମା'!

ବଲିଉଡ଼ର ଆଗଧାଡିର କୋରିଓଗ୍ରାଫର ହେଉଛନ୍ତି ଗୀତା କପୁର । ନୃତ୍ୟ ଭିତ୍ତିକ ରିଆଲିଟି ଶୋ' ଗୁଡ଼ିକରେ ତାଙ୍କୁ ଜଜ୍ ରୂପେ ମଧ ଦେଖିବାକୁ ମିଳେ । ତେବେ ଗୀତା ମା' ଭାବେ ଜଣାଶୁଣା ଏହି ପ୍ରସିଦ୍ଧ କୋରିଓଗ୍ରାଫରଙ୍କ ଏକ ଫଟୋ ଏବେ ଖୁବ୍ ଭାଇରାଲ ହେଉଛି । କାରଣ ଏଯାଏଁ ବାହା ହୋଇ ନଥିବା ଗୀତା ମଥାରେ ଲଗାଇଛନ୍ତି ସିନ୍ଦୂର । ୪ ଦିନ ତଳେ ଗୀତା ଏହି ଫଟୋକୁ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଥିଲେ । ଫଟୋଟିକୁ ପୋଷ୍ଟ କରି ସେ ଲେଖିଥିଲେ, ସୁପର ଡ୍ୟାନ୍ସର ଚାପଟର ୪ର ଶୁଟିଂ ପାଇଁ ପ୍ରସ୍ତୁତ । ଫଟୋରେ ସେ ଅନାରକଲି ଡ୍ରେସ୍ ପିନ୍ଧିଥିବା ବେଳେ ତାକୁ ମ୍ୟାଚ କରି ଆଣ୍ଟିକ ଜୁଏଲାରୀ ପିନ୍ଧିଛନ୍ତି । ଏଥିରେ ସେ ବେଶ୍ ସୁନ୍ଦର ମଧ ଦେଖାଯାଉଛନ୍ତି । କିନ୍ତୁ ଏହି ଫଟୋରେ ସବୁଠୁ ଖାସ ହେଉଛି ଗୀତା ମା'ଙ୍କ ମଥାରେ ଝଲସୁଥିବା ସିନ୍ଦୂର । ତାଙ୍କ ମଥାରେ ସିନ୍ଦୂର ଦେଖି ଫ୍ୟାନ୍‌ମାନେ ଆଶ୍ଚର୍ଯ୍ୟ ହୋଇଥିବା ବେଳେ ସେ ବାହା ହୋଇଗଲେ କି ବୋଲି ପ୍ରଶ୍ନ କରିଛନ୍ତି । ଏହା ସହିତ ଫ୍ୟାନ୍‌ମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଜଣେ ଲେଖିଛନ୍ତି, ମା'ଙ୍କ ସିନ୍ଥିରେ ସିନ୍ଦୂର, କେବେ ବାହା ହେଲେ ମା' । କେବଳ ଫ୍ୟାନ୍ ନୁହନ୍ତି, ଟିଭି ସିରିଏଲ କଳାକାର ରଶ୍ମୀ ଦେଶାଇ ଓ ଯଶବୀର କୌର ମଧ୍ୟ ଗୀତାଙ୍କ ଏହି ଫଟୋ ଦେଖି ହାର୍ଟ ଇମୋଜୀ ପୋଷ୍ଟ କରିଛନ୍ତି । ତେବେ ଗୀତା ସିନ୍ଦୂର ପଛର ରହସ୍ୟ ଖୋଲି ନାହାନ୍ତି । ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ । ୱର୍କ ଫ୍ରଣ୍ଟ କଥା କହିଲେ ଗୀତା ଏବେ super dancer ୪ ଶୁଟିଂରେ ବ୍ୟସ୍ତ ଅଛନ୍ତି । ବାୟୋ ବବଲ ଭିତରେ ଡାମନରେ ଏହାର ଶୁଟିଂ ଚାଲିଛି । ଗୀତାଙ୍କ ଆଉ ଏକ ଡ୍ୟାନ୍ସ ଶୋ' 'ଇଣ୍ଡିଆସ ବେଷ୍ଟ ଡ୍ୟାନ୍ସର'ର ଦ୍ୱିତୀୟ ସିଜିନ୍ ବି ଆଗକୁ ଆସିବ । ଏଥିରେ ଜଜ୍ ଆସନରେ ତାଙ୍କ ସହିତ ରହିବେ ମଲାଇକା ଅରୋରା ଓ ଟେରେନ୍ସ ଲୁଇସ ।

# ଖତ୍ରୋଁ କା ଖିଲାଡ଼ି

ଟେଲିଭିଜନ୍‌ର ପପୁଲାର ସୋ' 'ଖତ୍ରୋଁ କା ଖିଲାଡ଼ି'ର ସିଜିନ୍-୧୧ ଆରମ୍ଭ ହେଇଯାଇଛି । ଯଦିଓ ଏହି ସୋ'ରେ ପ୍ରତିଯୋଗୀମାନଙ୍କୁ ଦର୍ଶକେ ପରଦାରେ ଦେଖି ମଜା ଉଠାନ୍ତି, କିନ୍ତୁ ଏଥିରେ ଅଂଶଗ୍ରହଣ କରୁଥିବା ପ୍ରତି ଯୁବକ/ଯୁବତୀଙ୍କୁ କିଛି ଅସମ୍ଭବ ପଦକ୍ଷେପ ନେବାକୁ ପଡ଼ିଥାଏ । ଅନେକ ମଧ ଏହି ସୋ'ରେ ନିଜର ଦକ୍ଷତା ଦେଖାଇ ନ ପାରି ନିରାଶ ହେଇ ଫେରିଥିବାର ନଜିର ରହିଛି । ସିନେମା ନିର୍ଦ୍ଦେଶକ ରୋହିତ ସେଟ୍ଟୀ ଖୁବ୍ ଚତୁରତାର ସହ ଏହି ସୋ'ର ହୋଷ୍ଟିଙ୍ଗ୍ କରିଥାନ୍ତି । ଏଥର ସୋ' ଆରମ୍ଭରୁ ଚର୍ଚ୍ଚାକୁ ଆସିଛନ୍ତି ଅନୁଷ୍କା ସେନ ଓ ବିଗ୍ ବସ୍ ସିଜିନ-୧୪ରେ ରନର୍ସଅପ୍ ହେଇଥିବା ସିଙ୍ଗର ରାହୁଲ ବେଦ୍ୟ । ଏ ଦୁହେଁ ପରସ୍ପର ମଧ୍ୟରେ ନଟି ନଟି ନଖରାମି କରି ଯେତେ ପ୍ରକାର ପୋଜ୍ କମ୍ପୋଜ୍ ଦେଇଛନ୍ତି, ତାହାର ଫଟୋ ଉତ୍ତୋଳନ କରିଛନ୍ତି ଏବଂ ସେସବୁକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି । କେବଳ ଫଟୋ କାହିଁକି, ରାହୁଲ ଗାଇଥିବା ଜୁବିନ ନଉଟିଆଲ୍ ଓ ମନୋଜ ମୁଣ୍ଟାସିତିରଙ୍କ 'ଲୁଟ୍ ଗୟେ' ଗୀତଟି ପୁଣି ଥରେ ଗାଇ ଏହାର ଭିଡିଓ ମଧ ପୋଷ୍ଟ କରିଛନ୍ତି । ଉଭୟ ଫଟୋ ଓ ଭିଡିଓ ରାହୁଲ ଓ ଅନୁଷ୍କାଙ୍କ ଶହ ଶହ ପ୍ରଶଂସକ ଶୁଭେଚ୍ଛା ଜଣାଉଛନ୍ତି । ଯଦିଓ ସୋ' ପାଇଁ କେପ୍ ଟାଉନ୍‌ରେ ସୁଟିଂ ଆରମ୍ଭ ହେଇଯାଇଛି ଏବଂ ପ୍ରତିଯୋଗୀମାନେ ସେଟ୍‌ରେ ପହଞ୍ଚି ଯାଇଛନ୍ତି, ହେଲେ ଏହା ପରଦାକୁ ଜୁଲାଇ ମାସରେ ଆସିବ ବୋଲି ଜଣାପଡ଼ିଛି । ସେଟ୍‌ରେ ଭବେଶ ବାଲଚନ୍ଦାନୀ ନିଜର ଜନ୍ମଦିନ ପାଳନ କରି ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପ୍ରଥମରୁ ଉତ୍ସାହିତ କରିଛନ୍ତି ।



# ସୋନୁଙ୍କୁ ସାବାସି ଦେଲେ ପ୍ରିୟଙ୍କା

ପ୍ରିୟଙ୍କା ଲେଖିଥିବା ବହି 'ଅନଫିନିଶଡ୍' ଅନେକଙ୍କ ଦ୍ୱାରା ପ୍ରଶଂସିତ ହେଇଛି । ଏହି ବହିକୁ ନେଇ ନ୍ୟୁୟର୍କ ସିଟି ବିଲ୍‌ବୋର୍ଡ ମଧ ଫିଚରାଇଜ୍ କରିଛି । ଏବେ ପୁଣି ପ୍ରିୟଙ୍କା ସାଜିଛନ୍ତି ରେଷ୍ଟୁରାଣ୍ଟ ମାଲିକାଣୀ । ନ୍ୟୁୟର୍କରେ ସ୍ୱାମୀ ନିକ୍ ଜୋନାସଙ୍କ ସହ ମିଶି ଗୋଟେ ରେଷ୍ଟୁରାଣ୍ଟ ଖୋଲିଛନ୍ତି । ଏହି ରେଷ୍ଟୁରାଣ୍ଟର ନାମ ରହିଛି 'ସୋନା' । ଏହାରା ଇଂରାଜୀ ଅର୍ଥ ରହିଛି ଗୋଲ୍ଡ । ଏଠାରେ ସ୍ୱତନ୍ତ୍ର ଭାବେ କେବଳ ଭାରତୀୟ ଖାଦ୍ୟ ଉପଲବ୍ଧ ହେବ । ନ୍ୟୁୟର୍କରେ ରହୁଥିବା ଏବଂ ନ୍ୟୁୟର୍କ ଭ୍ରମଣରେ ଆସୁଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହି ରେଷ୍ଟୁରାଣ୍ଟ ଖୋଲାଯାଇଛି ବୋଲି ପ୍ରିୟଙ୍କା କହିଛନ୍ତି । ଅପରପକ୍ଷରେ କୋଭିଡ୍ ସଂକ୍ରମଣର ପ୍ରଥମ ଲହରରେ ପ୍ରବାସୀମାନଙ୍କୁ ସହାୟତା ଦେଇ ସାରା ଦେଶବାସୀଙ୍କ ଆଦରଣୀୟ ହେଇଥିଲେ ବଲିଉଡ୍ ଅଭିନେତା ସୋନୁ ସୁଦ୍ । କୋଭିଡର ସଂକ୍ରମଣର ଦ୍ୱିତୀୟ ଲହରରେ ସୋନୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ ଯେଉଁ ପିଲାମାନେ କୋଭିଡ୍‌ରେ ନିଜ ପିତାମାତାଙ୍କୁ ହରେଇଛନ୍ତି ସେମାନଙ୍କୁ ସରକାରଙ୍କ ତରଫରୁ ରହିବା, ଖାଇବା ଏବଂ ପାଠ ପଢ଼ିବାର ବନ୍ଦୋବସ୍ତ



କରାଯାଉ । ସୋନୁଙ୍କ ଏହି ଅପିଲ୍‌କୁ ସରକାର ଗ୍ରହଣ କରିବା ଉଚିତ ବୋଲି ପ୍ରିୟଙ୍କା କହିଛନ୍ତି । ଏପରିକି ଦେଶର ବୁଦ୍ଧିଜୀବୀ ଓ ସେଲିବ୍ରିଟି ମାନଙ୍କୁ ମଧ ପ୍ରିୟଙ୍କା ସୋନୁଙ୍କ ପରି ଅପିଲ୍ କରିବାକୁ ଅନୁରୋଧ କରିଛନ୍ତି ।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ପରିବାରକୁ ଦିଆଯିବ କରୋନା ଟିକା



ଭୁବନେଶ୍ୱର,୨୦/୫ (ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଡାକ୍ତର, ନର୍ସ ଓ ପାରାମେଡିକ୍ ଷ୍ଟାଫଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପରିବାର ଲୋକଙ୍କୁ କରୋନା ଟିକା ଦିଆଯିବ। ଏଥିପାଇଁ ବ୍ୟବସ୍ଥା କରିବାକୁ ସବୁ ଜିଲ୍ଲାପାଳ, ମହାନଗର ନିଗମ କମିଶନର ଓ ସିଡିଏମ୍ଓ ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର। ନିଜ ନିଜ ଜିଲ୍ଲା ଓ ମହାନଗର ନିଗମ ଅଂଚଳରେ ସ୍ୱାସ୍ଥ୍ୟ କର୍ମୀଙ୍କ ପରିବାର ଲୋକଙ୍କୁ ଟିକା ଦିଆଯିବ ବୋଲଇ ଚିଠିରେ ଉଲ୍ଲେଖ କରାଯାଇଛି। ଶ୍ରୀ ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ କୋଭିଡ୍ ମହାମାରୀ ଆରମ୍ଭରୁ ସ୍ୱାସ୍ଥ୍ୟକର୍ମୀମାନେ କରୋନା ରୋଗୀଙ୍କ ନିରନ୍ତର ସେବା କରିଆସୁଛନ୍ତି। ରୋଗୀଙ୍କ ସେବା କରୁଥିବା ସ୍ୱାସ୍ଥ୍ୟ କର୍ମୀଙ୍କ ସଂସ୍ପର୍ଶରେ ତାଙ୍କ ପରିବାର ଲୋକେ ମଧ ଆସନ୍ତି। ତେଣୁ ସେମାନେ ବି ସଂକ୍ରମିତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଟିକା ଦେବାକୁ ନିଷ୍ପତି ହୋଇଛି। ଚଳିତ ବର୍ଷ ଜାନୁଆରୀ ୧୬ ତାରିଖ ଠାରୁ ରାଜ୍ୟରେ ସ୍ୱାସ୍ଥ୍ୟ କର୍ମୀମାନଙ୍କ ପାଇଁ ଟିକାକରଣ ଆରମ୍ଭ କରାଯାଇଥିଲା। ବର୍ତମାନ ସୁଦ୍ଧା ରାଜ୍ୟରେ ୯୫ ପ୍ରତିଶତ ସ୍ୱାସ୍ଥ୍ୟ କର୍ମୀ ଟିକା ନେଇ ସାରିଛନ୍ତି ବୋଲି ଏହି ଚିଠିରେ ଉଲ୍ଲେଖ ରହିଛି।

# ଯୁକ୍ତ-୨ ଶିକ୍ଷାନୁଷ୍ଠାନ ପୃଥକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

## ଉଚ୍ଚଶିକ୍ଷା ବିଭାଗର ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଫେରାଇ ନିଆଯିବ

ଭୁବନେଶ୍ୱର,୨୦/୫ (ନି.ପ୍ର): ଯୁକ୍ତ-୨ ଶିକ୍ଷାକୁ ଉଚ୍ଚଶିକ୍ଷା ବିଭାଗରୁ ପୃଥକ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ମିଶ୍ରଣ କରାଯାଇଥିବାବେଳେ ଯୁକ୍ତ-୨ ଶିକ୍ଷାନୁଷ୍ଠାନଗୁଡ଼ିକୁ ଡିଗ୍ରୀ କଲେଜରୁ ପୃଥକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଗୁରୁତ୍ୱାରୋପ କରିଛନ୍ତି। ଏସଂପର୍କରେ ସମୀକ୍ଷା ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ଅଧାପକ ଓ ଅଣଶିକ୍ଷକ କର୍ମଚାରୀ ଯେଉଁମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସ୍ଥାପିତ ହୋଇ କାର୍ଯ୍ୟକରୁଛନ୍ତି, ସେମାନଙ୍କୁ ପର୍ଯ୍ୟାୟ କ୍ରମେ ଉଚ୍ଚଶିକ୍ଷା ବିଭାଗକୁ ଫେରାଇ ନିଆଯିବ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ସେହିପରି ଯେଉଁସବୁ କମ୍ପୋଜିଟ୍ ମହାବିଦ୍ୟାଳୟରେ ଯୁକ୍ତ-୨ ଏବଂ ଡିଗ୍ରୀ ମହାବିଦ୍ୟାଳୟ କାର୍ଯ୍ୟ କରୁଛି ଏବଂ ସେସବୁ ଶିକ୍ଷାନୁଷ୍ଠାନରେ କୋଠାବାଡ଼ି, ଜମି ଏବଂ ଅନ୍ୟାନ୍ୟ ଭିତିଭୂମି ଦୃଷ୍ଟିରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟକୁ ସଂପୂର୍ଣ୍ଣ ରୂପେ ପୃଥକ କରାଯାଇପାରିବ, ସେଗୁଡ଼ିକୁ ସଂପୂର୍ଣ୍ଣ ରୂପେ ଅଲଗା କରାଯିବ। ତଦନୁଯାୟୀ ଜମିଜମା କାଗଜପତ୍ର ମଧ ପରିବର୍ତନ କରାଯିବ। କୋଠାବାଡ଼ି ଓ ଅନ୍ୟାନ୍ୟ ଭିତିଭୂମି ସଂପୂର୍ଣ୍ଣ ପୃଥକ ହୋଇଗଲେ ଯୁକ୍ତ-୨ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଏବଂ ଡିଗ୍ରୀ ମହାବିଦ୍ୟାଳୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେବ। ଯୁକ୍ତ-୨ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ପଦବୀ ପୂରଣ ଓ ଅନ୍ୟାନ୍ୟ ଭିତିଭୂମି ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅର୍ଥବିଭାଗ ସହିତ ଖୁବ୍ ଶୀଘ୍ର ଏକ ମିଳିତ ବୈଠକ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

## ଅଣସଂଗଠିତ ଶ୍ରମିକଙ୍କୁ ମାସିକ ୮ହଜାର ଟଙ୍କାର ସହାୟତା ଦିଅନ୍ତୁ ସରକାର

ଭୁବନେଶ୍ୱର,୨୦/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହର ଓ ଲକ୍‌ଡାଉନର ପ୍ରଭାବ ଫଳରେ ଅଣସଂଗଠିତ ଶ୍ରମିକମାନଙ୍କ ଜୀବନ ଜୀବିକା ବିପନ୍ନ ହେବାରେ ଲାଗିଛି। ରାଜ୍ୟ ସରକାର ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ତୁରନ୍ତ ପଦକ୍ଷେପ ନେବା ପାଇଁ ଅଣସଂଗଠିତ ଶ୍ରମିକମଂଚ ଦାବୀ କରିଛି। ବିଶେଷକରି ଘରୋଇ ପରିଚାରିକା, ସ୍ୱଳ୍ପ ଆୟକାରୀ ପରିବାର ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକ ମାନଙ୍କ ପରିବାରକୁ ଅନ୍ୟୁନ୍ନ ପ୍ରତି ମାସରେ ୮୦୦୦ଟଙ୍କା ସହାୟତା ରାଶି, ସେମାନଙ୍କର ସାମାଜିକ ନିରାପତା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ପ୍ରଦାନ କରନ୍ତୁ ବୋଲି ଅଣସଗଠିତ ଶ୍ରମିକ ମଂଚର ସଭାପତି ଜ୍ୟୋସ୍ନାରାଣୀ ମିଶ୍ର, ଉପସଭାପତି ଫୁଲମଣୀ ପାତ୍ର, ସମ୍ପାଦକ ପ୍ରକାଶ ସାମଲ ଓ ଅଭୟ ପତି ପ୍ରମୁଖ ଜଣାଇଛନ୍ତି।

# ଶିକ୍ଷା ବିକାଶ ସମିତିର ଯୋଗ ଶିବିର 'କର ଯୋଗ ରୁହ ନିରୋଗ'

ଭୁବନେଶ୍ୱର,୨୦/୫ (ନି.ପ୍ର): ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। କରୋନା କାଳରେ ସମାଜକୁ ସୁସ୍ଥ ରହିବା ଲାଗି ଯୋଗକୁ ବିକଳ୍ପ ବ୍ୟବସ୍ଥା ଭାବେ ଗ୍ରହଣ କରାଯାଉଛି। ମେ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ଅନଲାଇନରେ ଅନୁଷ୍ଠିତ ଯୋଗ ଶିବିର ସମାପିତ ହୋଇଯାଇଛି। ସମାପନ ଦିବସରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଯୋଗ ଶିକ୍ଷାର ଅଖିଳ ଭାରତୀୟ ସହ ପ୍ରମୁଖ ଆଦରଣୀୟ ଯୋଗାଚାର୍ଯ୍ୟ ହରିଶ କୁମାର ଶ୍ରୀବାସ୍ତବ ଉପସ୍ଥିତ ରହି ଶରୀରର ବଳ, ପ୍ରାଣ ଶକ୍ତି ପରିବର୍ଦ୍ଧନ କରି ସୁସ୍ଥ ରହିବା ପାଇଁ ବିଭିନ୍ନ ଆସନ ଓ ପ୍ରାଣାୟାମର ଅଭ୍ୟାସ କରାଇବା ସହ ବ୍ୟକ୍ତିଗତ ଜୀବନଚର୍ଯ୍ୟା ଓ ନିରାମୟତା ଉପରେ ମାର୍ଗଦର୍ଶନ କରିଥିଲେ। ସମସ୍ତେ ପ୍ରତିଦିନ ନିଜେ ନିଜ ପରିବାର ସହ ଯୋଗ (ଆସନ ଓ ପ୍ରାଣାୟାମ) କରି ସୁସ୍ଥ ରହିବା ସହ ସମାଜକୁ ସୁସ୍ଥ ରହିବାରେ ସହଯୋଗୀ ହେବା ପାଇଁ ସେ ପ୍ରେରଣା ପ୍ରଦାନ କରିଥିଲେ।

ସେହିପରି ସମାପନ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ସମ୍ପାଦକ ରମାକାନ୍ତ ମହାନ୍ତ ଉପସ୍ଥିତ ରହି କରୋନା କାଳରେ ଯୋଗ ହିଁ ଆମର ରକ୍ଷା କବଚ ବୋଲି କହିଥିଲେ। ଆଜିର ସମୟରେ ନିଜକୁ, ନିଜ ପରିବାର ତଥା ସମାଜକୁ ସୁରକ୍ଷିତ ରଖିବା ପାଇଁ ଯୋଗକୁ ଆପଣେଇବା ଏକାନ୍ତ ଆବଶ୍ୟକ। ସେହିପରି ଆଜି ଅମ୍ଳଜାନର ଯେଉଁ ଉତ୍କଟ ଅଭାବ ଦେଖାଦେଇଛି ତାହା ଦୂର କରିବା ଲାଗି ସମସ୍ତେ ଗଛ ଲଗାଇବା ଆବଶ୍ୟକ ବୋଲି ସମସ୍ତଙ୍କୁ ଆହ୍ୱାନ କରିଥିଲେ। ପ୍ରାନ୍ତ ଯୋଗ ଶିକ୍ଷା ସଂଯୋଜକ



ମଧୁସୂଦନ ବାରିକ ଅତିଥି ଓ କାର୍ଯ୍ୟକର୍ତ୍ତାଙ୍କ ପରିଚୟ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପ୍ରାନ୍ତ ଯୋଗ ପ୍ରମୁଖ ନଳିନୀକାନ୍ତ ମହାନ୍ତ ଯୋଗ ଶିବିରକୁ ସଂଚାଳନ କରିଥିଲେ। ଏହି ୧୦ ଦିନିଆ ଯୋଗ ଶିବିରରେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ଡାକ୍ତରୀ ପୂର୍ବଛାତ୍ରମାନେ ପ୍ରତ୍ୟେକ କାଳାଂଶରେ ଯୋଡ଼ି ହୋଇ କରୋନା ସମ୍ବନ୍ଧରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଯୋଗ ଶିବିରରେ ୫୦୦ଜଣ ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅଭିଭାବକ ପ୍ରତିଦିନ ଉପସ୍ଥିତ ରହି ଯୋଗାଭ୍ୟାସ କରୁଥିଲେ।

## ରେଲୱେ ସମ୍ପତ୍ତି ଚୋରି : ଆରପିଏଫ୍ ଦ୍ୱାରା ତିନିଜଣ ଗିରଫ

ଭୁବନେଶ୍ୱର,୨୦/୫ (ନି.ପ୍ର): ରେଳ ସମ୍ପତି ଚୋରି ଅଭିଯୋଗରେ ରେଳ ସୁରକ୍ଷା ବଳ (ଆରପିଏଫ) ରେଳ ବିହାରରୁ ତିନି ଜଣଙ୍କୁ ଚୋରି କରୁଥିବା ସମୟରେ ଗିରଫ କରିଛି। ରେଳ ବିହାର ବାସିନ୍ଦାଙ୍କଠାରୁ ସୂଚନା ପାଇବା ଏବଂ ସିସିଟିଭି ଫୁଟେଜ୍ ଅନୁଯାୟୀ, ଆରପିଏଫ୍ କ୍ରାଇମ ଇନଭେଷ୍ଟିଗେସନ୍ ଶାଖା(ସିଆଇବି) ଏବଂ ମୁଖ୍ୟାଳୟ ଆରପିଏଫ୍ ରିଜର୍ଭ କମ୍ପାନୀର ମିଳିତ ସହଯୋଗରେ ଏହି ଲୋକଙ୍କୁ ଗିରଫ କରିବା ସହ ରେଳ ସମ୍ପତି ଜବତ କରିଛି। ରେଳବିହାର ବାହାରେ ଚୋରି ଜିନିଷ ନେବା ପାଇଁ ଉପଲବ୍ଧ ଥିବା ଜଣେ ଲୋକ ସମେତ ତିନି ଜଣଙ୍କୁ ରେଲୱେ ସମ୍ପତି ଏବଂ ଏସି ତମ୍ବା ତାର ଚୋରି କରି ନେଇଯାଉଥିବା ସମୟରେ ଆରପିଏଫ ୧୭ ମଇ ୨୦୨୧ ରାତିରେ ରେଳ ବିହାର କଲୋନୀରୁ ସେମାନଙ୍କୁ ଗିରଫ କରିଛି। ପୂର୍ବରୁ ସେମାନେ ରେଳ ବିହାରର କେତେକ ଘରୁ ତମ୍ବା ତାର ଓ ଏସି ଚୋରି କରିଥିବା ଦୋଷ ସ୍ୱୀକାର କରିଥିଲେ। ସମସ୍ତ ଅଭିଯୁକ୍ତ ନିକଟସ୍ଥ ସାଲିଆ ସାହିର ବାସିନ୍ଦା ଏବଂ ରେଳ ବିହାର କଲୋନୀ ସହିତ ଭଲ ଭାବରେ ପରିଚିତ। ପରବର୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନଙ୍କୁ ମଂଚେଶ୍ୱର ଆରପିଏଫ ପୋଷ୍ଟକୁ ପଠାଯାଇଥିଲା। ଏହି ସଂପର୍କରେ ଚନ୍ଦ୍ରଶେଖରପୁର ପୋଲିସ ଷ୍ଟେସନକୁ ମଧ ସୂଚନା ଦିଆଯାଇଛି।

# କଳାକାରଙ୍କୁ ମିଳିବ ୪ ମାସର ପେନ୍‌ସନ୍



ଭୁବନେଶ୍ୱର ,୨୦/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ କଳାକାର ସହୟତା ଯୋଜନାରେ କଳାକାରମାନେ ଏକାଥରେ ୪ ମାସର ପେନ୍‌ସନ୍ ପାଇବେ। ଚଳିତ ମାସ ଶେଷ ସୁଦ୍ଧା ଏହି ପେନ୍‌ସନ୍ ପ୍ରଦାନ କରାଯିବ। କରୋନା ମହାମାରୀର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟର ୩୭ ହଜାର କଳାକାର ମାସିକ ୧୨୦୦ ଟଙ୍କା ଲେଖାଏ ପେନ୍‌ସନ୍ ପାଉଛନ୍ତି। ଗତ ଫେବ୍ରୁଆରି ମାସ ଯାଏ ସେମାନେ ପେନ୍‌ସନ୍ ପାଇ ସାରିଛନ୍ତି। ଏବେ ମାର୍ଚ୍ଚ, ଏପ୍ରିଲ୍, ମେ' ଓ ଜୁନ୍ ମାସର ପେନ୍‌ସନ୍ ଏକା ସଙ୍ଗେ ଦିଆଯିବ। ହିତାଧିକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ଯିବ। ସୂଚନାଯୋଗ୍ୟ ଯେ ଗତ ବର୍ଷ ମଧ କରୋନା ପାଇଁ କଳାକାରଙ୍କୁ ଆଗୁଆ ପେନ୍‌ସନ୍ ପ୍ରଦାନ କରାଯାଇଥିଲା।

## ପିସିସି କିଷାନ କଂଗ୍ରେସ ଉପାଧ୍ୟକ୍ଷ ସୁଧିର ପରିଚ୍ଛାଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୨୦/୫ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ସଂଗ୍ରାମୀ ଚାଷୀନେତା ତଥା ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଉପାଧ୍ୟକ୍ଷ ସୁଧିର ପରିଚ୍ଛାଙ୍କ ବିୟୋଗରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। କରୋନାରେ ଆକ୍ରାନ୍ତ ହୋଇ ସେ ଗତ ୧୮ ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଟାଣୁଆ ଚାଷୀନେତା, କଂଗ୍ରେସ ଦଳର ଜଣେ ଦୃଢ଼ ସଂଗଠନ, ବନ୍ଧୁପ୍ରେମୀ ଏବଂ ପ୍ରତି ମୁହୂର୍ତରେ ଚାଷୀର ଦୁର୍ଦ୍ଦିନରେ ଠିଆ ହୋଇ ଚାଷୀଙ୍କ ହକ୍ ପୂରଣ ପର୍ଯ୍ୟନ୍ତ ଅହରହ ସଂଗ୍ରାମ କରୁଥିଲେ। ସ୍ୱର୍ଗତ ପରିଚ୍ଛାଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ, କୃଷି ବିଶେଷଜ୍ଞ ଡ. ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ଚାଷୀନେତା ସାନନ୍ଦ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଘରୋଇ ହସପିଟାଲ ରୋଗୀଙ୍କୁ ଶୋଷଣ କରୁଛନ୍ତି : ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର,୨୦/୫ (ନି.ପ୍ର): ଘରୋଇ ହସପିଟାଲ ଗୁଡ଼ିକ ରୋଗୀଙ୍କୁ ଶୋଷଣ କରୁଥିବା ବେଳେ ରାଜ୍ୟ ସରକାର ନିରବ ରହିବା ଘଟଣାକୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ତୀବ୍ର ନିନ୍ଦା କରିଛନ୍ତି। ଶ୍ରୀ ନୱାଜ କହିଛନ୍ତି ଘରୋଇ ହସପିଟାଲ ଗୁଡ଼ିକର ଶୋଷଣ ସଂପର୍କରେ ବହୁ ଅଭିଯୋଗ ହସ୍ତଗତ ହୋଇଥିଲେ ମଧ କରୋନା କଟକଣା ଦୃଷ୍ଟିରୁ ଆନ୍ଦୋଳନ ହୋଇପାରୁ ନାହିଁ। ମାତ୍ର ଏହି ହସପିଟାଲ ଗୁଡ଼ିକର ମନମାନୀ ଏବଂ ରାଜ୍ୟ ସରକାରଙ୍କ ନୀରବତାକୁ ବରଦାସ୍ତ କରାଯିବ ନାହିଁ। ଘରୋଇ ହସପିଟାଲ ଗୁଡ଼ିକୁ ରାଜ୍ୟ ସରକାର କେତେକ ସ୍ଥଳେ ଯାଗା ଯୋଗାଇ ଦେବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ ଦେଉଛନ୍ତି। ମାତ୍ର ଯେତେବେଳେ ଲୋକଙ୍କର ଦରକାର ପଡୁଛି ସରକାର ସେତେବେଳେ କାହିଁକି ଚୁପ ରହୁଛନ୍ତି ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି। ସରକାର ଘରୋଇ ହସପିଟାଲର ଶୋଷଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ନୱାଜ ଦାବୀ କରିଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ଏ ଅନ୍ୟାୟର ତୀବ୍ର ବିରୋଧ କରିବେ ବୋଲି ସେ କହିଛନ୍ତି।

# ଆଇଆଇଟି ଭୁବନେଶ୍ୱରର ଶିକ୍ଷା ବର୍ଷ ସମାପ୍ତ: ପ୍ରଥମ ବର୍ଷ ବିଳମ୍ବିତ




ଭୁବନେଶ୍ୱର ,୨୦/୫ (ନି.ପ୍ର): କରୋନା ମହାମାରୀ, ଲକ୍‌ଡାଉନ ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ଶିକ୍ଷା ବର୍ଷ ସମାପ୍ତ କଲା ଆଇଆଇଟି ଭୁବନେଶ୍ୱର। କେବଳ ପ୍ରଥମ ବର୍ଷ ବିଦ୍ୟାର୍ଥୀ ବିଳମ୍ବରେ ନାମ ଲେଖାଇଥିବାରୁ ତାଙ୍କ ଶିକ୍ଷା ବର୍ଷ ସମାପ୍ତ ହେବାକୁ ଏକ ମାସରୁ ଦେଢ ମାସ ଲାଗିବ ବୋଲି ଆଇଆଇଟି ପକ୍ଷରୁ କୁହାଯାଇଛି। ଏଠାରେ ୧୭ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରେ ଦ୍ୱିତୀୟ ଲହରରେ ଏପ୍ରିଲ ମାସରେ ୭, ମେ' ମାସରେ ୫ ଏବଂ ପ୍ରଥମ ଲହରରେ ୫ ଜଣ କୋଭିଡ୍ ଚିହ୍ନଟ ହୋଇଥିଲା। କୋଭିଡ୍ ମୁକାବିଲା ପାଇଁ ଆଇଆଇଟି ପକ୍ଷରୁ ମାସ୍କ, ଔଷଧର ଉପାଦେୟତା ନେଇ ଗବେଷଣା ଜାରି ରହିଛି।

ଅନୁଷ୍ଠାନ ପକ୍ଷରୁ କୁହାଯାଇଛି, ଗତବର୍ଷ ମାର୍ଚ୍ଚ ମାସରେ ଲକ୍‌ଡାଉନ ଜାରି ସହିତ ଆଇଆଇଟି ଭୁବନେଶ୍ୱର ଅନ୍‌ଲାଇନ କ୍ଲାସ ଆରମ୍ଭ ହୋଇଥିଲା। ମେ' ମାସରେ ସେମିଷ୍ଟର ପରୀକ୍ଷା ହୋଇଥିଲା। ନିର୍ଦ୍ଦେଶକ ପ୍ରଫେସର ରଜତ କୁମାର କହିଛନ୍ତି, ଗତବର୍ଷ ଥିଓରି କ୍ଲାସ ଅନଲାଇଲ ହୋଇଥିଲେ ମଧ ପ୍ରାକ୍ଟିକାଲ କ୍ଲାସ ପାଇଁ ସମସ୍ୟା ହୋଇଥିଲା। ବିଜ୍ଞାନ, ଇଂଜିନିୟରିଂ ବିଦ୍ୟାର୍ଥୀଙ୍କ ପାଇଁ ଲ୍ୟାବ କୋର୍ସ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କିଛି ବିଦ୍ୟାର୍ଥୀ ନିଜେ ଲ୍ୟାବରେ ରହି କ୍ଲାସ କରିଥିଲେ, ଆଉ କିଛି ବିଦ୍ୟାର୍ଥୀଙ୍କ ପାଇଁ ଲାଇଭ ଭିଡିଓ ପ୍ରସ୍ତୁତ କରାଯାଇ ଥିଲା। କରୋନା ନିୟନ୍ତ୍ରିତ ହେବା ସହିତ ୨୦୨୧ ଫେବ୍ରୁଆରିରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ପ୍ରଥମ ବର୍ଷ ବିଦ୍ୟାର୍ଥୀଙ୍କ ବ୍ୟତୀତ ଅନ୍ୟ ସମସ୍ତେ କ୍ୟାମ୍ପସ ଆସି ଲ୍ୟାବ ସେସନ ସମାପ୍ତ କରିଛନ୍ତି। ମହାମାରୀର ଦ୍ୱିତୀୟ ଲହର ଯୋଗୁଁ ବର୍ତ୍ତମାନ ପୁଣି ଲ୍ୟାବ ପ୍ରାକ୍ଟିକାଲକୁ ସ୍ଥଗିତ କରାଯାଇଛି। ଏହା ମଧ ନିର୍ଧାରିତ ସମୟରେ ସମ୍ପନ୍ନ କରାଯିବ।

# ବର୍ଷାଋତୁ ପୂର୍ବରୁ ଜଳ ନିଷ୍କାସନ ଓ ରୋଗ ପ୍ରତିରୋଧ ପାଇଁ ଜିଲ୍ଲା ଓ ପୌର ପ୍ରଶାସନଗୁଡିକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦/୫ (ନି.ପ୍ର): ଆସନ୍ତା ବର୍ଷାଋତୁରେ ସହରାଂଚଳରେ ଯେଭଳି କୃତ୍ରିମ ବନ୍ୟା କିମ୍ବା ଜଳବନ୍ଦୀ ଅବସ୍ଥା ସୃଷ୍ଟି ନହେବ ସେଥିପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହେବା ସହିତ ଏସଂକ୍ରାନ୍ତରେ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମର କମିଶନର, ମ୍ୟୁନିସିପାଟିଲିଟି ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି। ବଡ ବର୍ଷା, ବାତ୍ୟା ଭଳି ସ୍ଥିତିରେ ଯେଭଳି ସହରାଂଚଳରେ କୌଣସି ଠାରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନହୁଏ ସେଥିପାଇଁ ଯୋଜନା ମୁତାବକ ପଦକ୍ଷେପ ନେବାକୁ ରାଜ୍ୟ ପୌର ପ୍ରଶାସକ ସଂଗ୍ରାମଜିତ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ନାୟକ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପୂର୍ବବର୍ଷ ଭଳି ପୌର ପ୍ରଶାସନଗୁଡିକ ଡ୍ରେନେଜ ଡିଜିଜନ, କ୍ଷୁଦ୍ରଜଳସେଚନ ଓ ଜଳସମ୍ପଦ ବିଭାଗ ସହିତ ମିଳିତ ଭାବେ ବର୍ଷାଋତୁ ପୂର୍ବରୁ ସମସ୍ତ ଡ୍ରେନ ଚ୍ୟାନେଲ ଓ ଜଳନିଷ୍କାସନ ବ୍ୟବସ୍ଥାର ଅନୁଧାନ କରିବେ। ଆବଶ୍ୟକ ସ୍ଥଳେ ଦୁର୍ଘଟଣା ଏଡାଇବାପାଇଁ ଡ୍ରେନ ଘୋଡଣି ଗୁଡିକର ମରାମତି କିମ୍ବା ନିର୍ମାଣ କରିବେ। ବର୍ଷାଦିନ ପୂର୍ବରୁ ପୌରାଂଚଳରେ ଥିବା ସମସ୍ତ ଡ୍ରେନର ଶତ ପ୍ରତିଶତ ଅନୁଧାନ ସହିତ ଯଦି କୌଣସି ଠାରେ ଦୁର୍ଘଟଣାର ସମ୍ଭାବନା ଥାଏ ତେବେ ଯୁଦ୍ଧକାଳୀନ ଭିତିରେ ସେଠାରେ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ଯଦି କୌଣସି ଠାରେ ଡ୍ରେନ ଜବରଦଖଲ ହୋଇ ଜଳ ଅବରୋଧ କରିବାର ସମ୍ଭାବନା ରହିଛି ତେବେ ତୁରନ୍ତ ସେହି ଜବରଦଖଲ ହଟାଇବା ଓ ଉଚ୍ଛେଦ ପାଇଁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଜବରଦଖଲକାରୀ ବ୍ୟକ୍ତି ଓ ସଂସ୍ଥା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ସହରଂଚଳରେ ବନ୍ୟାଭଳି ସ୍ଥିତି ସୃଷ୍ଟି ହେଉଥିବା ସ୍ଥାନ ଚିହ୍ନଟ ସହିତ ସେଠାରେ ବର୍ଷା ସମୟରେ ଜରୁରୀ ଭିତିରେ ପମ୍ପ ମୁତୟନ କରିବାକୁ କୁହାଯାଇଛି। ଡ୍ରେନ ଗୁଡିକର ଜରୁରୀ ମରାମତି ସହିତ କୌଣସି ଠାରେ ଜଳ ଅବରୋଧ କଲାଭଳି ସାମଗ୍ରୀ ଗଦା ହୋଇଥିଲେ ତାହାକୁ ହଟାଇବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାଦିନେ ଜଳ ଜମାହେବା ଫଳରେ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀଜ ଏନସେଫାଲାଇଟିସ ଭଳି ଭେକ୍ଟର ବାହିତ ରୋଗ ଏବଂ ଡାଇରିଆ ଓ କାମଳ ଭଳି ଜଳବାହିତ ରୋଗ ହେବାର ସମ୍ଭାବନା ରହିଛି। ତାହାକୁ ଦୃଷ୍ଟିରେ ରଖି ଜନବସତି ଅଂଚଳରେ ଯେଭଳି ଆଦୌ ଜଳବନ୍ଦୀ ଅବସ୍ଥା ସୃଷ୍ଟି ନହୁଏ ସେଥିପାଇଁ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଜଳ ଜମାହେଉଥିବା ସ୍ଥାନରେ ବ୍ଲିଚିଙ୍ଗ ପାଉଡର ସିଂଚନ ସହିତ ମଇଳା ଟାଙ୍କି ଗୁଡିକରେ ଘୋଡଣି ପକାଇବା, ଠିକଣାଭାବେ ଅଳିଆ ଉଠାଇବା, ପାଣିଟାଙ୍କିଗୁଡିକରେ ଘୋଡଣି ଲଗାଇବାପାଇଁ ଜରୁରୀ ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରାଂଚଳରେ ନିୟମିତ ଭାବେ ମଶାଧୂଆଁ ଛାଡିବା ସହ ବ୍ୟାପକ ପଲିଥିନ ବ୍ୟବହାର ତଳିଆ ଅଂଚଳରେ ଡ୍ରେନ ଜାମର ମୁଖ୍ୟ କାରଣ ହୋଇଥିବାରୁ ପିଲିଥିନ ନିଷେଧକୁ କଡାକଡି ଭାବେ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜଳ ପ୍ରବାହ ହେଉଥିବା କେତେକ ସ୍ଥାନରେ ଜାଲ ବିଛାଯାଇ ଅଳିଆଗୁଡିକ ଛାଣି ସେଗୁଡିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ କୁହାଯାଇଛି। ସେହିଭଳି ପ୍ରତ୍ୟେକ ପୌରାଂଚଳରେ କମିଶନର/ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ୟୁନିଫାଏଡ କମାଣ୍ଡ ଏବଂ କଂଟ୍ରୋଲ ସେଂଟର ପ୍ରତିଷ୍ଠା କରିବା ସହିତ ବିଭିନ୍ନ ବିଭାଗ, ସଂସ୍ଥା ଓ ଅଗ୍ନିଶମ ବିଭାଗ ସହିତ ସମନ୍ୱୟ ରକ୍ଷାକରି ସେମାନଙ୍କ ଇଲାକାରେ ସୃଷ୍ଟି ବନ୍ୟାଭଳି ପରିସ୍ଥିତିର ମୁକାବିଲା କରାଯିବାକୁ କୁହାଯାଇଛି। ଏହି କମାଣ୍ଡ ସେଂଟରରେ ବିଭିନ୍ନ ବିଭାଗ ଗୁଡିକ ସେମାନଙ୍କ ପ୍ରତିନିଧିଙ୍କୁ ସଦସ୍ୟଭାବେ ନିୟୋଜିତ ଲାଗି ଅନୁରୋଧ କରାଯିବ। ବର୍ଷାଦିନେ ଏହି କମାଣ୍ଡ ସେଂଟର ସକ୍ରିୟ ଭାବେ ସାଧାରଣ ଲୋକଙ୍କ ସହ ସମନ୍ୱୟ ରକ୍ଷାକରି ଯୁଦ୍ଧକାଳୀନ ଭିତିରେ ବିଭିନ୍ନ ସେବା ଯୋଗାଇବ।ଜରୁରୀ ସମୟରେ ଏହି କଂଟ୍ରୋଲ ରୁମ କୁ ଅଧିକାରୀମାନେ ରୋଷ୍ଟର ଭିତିରେ ପରିଚାଳନା କରିବେ। ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ସହିତ ସ୍ଥାନୀୟ ପ୍ରଶାସନକୁ ସକ୍ରିୟ କରିବାଲାଗି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ପୌରାଂଚଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହାୟତାପାଇଁ ଜିଲ୍ଲାପାଳ ଏବଂ କମିଶନରମାନଙ୍କୁ ଅନୁରୋଧ କରାଯାଇଛି। ଉପରୋକ୍ତ ସମସ୍ତ କାର୍ଯ୍ୟ ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ଏସଓପି ଅନୁଯାୟୀ ଉନ୍ନତି/ ୟୁଡବ୍ଲ୍ୟୁୟୁଆଇ/ ଅର୍ଥ କମିଶନଙ୍କ ଅନୁଦାନରୁ ହେବବୋଲି ପତ୍ରରେ ଉଲ୍ଲେଖ ଅଛି।

## ସପ୍ତାହକୁ ୨ ଦିନ ଚାଲିବ ଭୁବନେଶ୍ୱର -ନୂଆଦିଲ୍ଲୀ ଟ୍ରେନ୍

ଭୁବନେଶ୍ୱର,୨୦/୦୫ (ନି.ପ୍ର): କୋଭିଡ଼୧୯ ସଂକ୍ରମଣର ବୃଦ୍ଧିକୁ ଦୃଷ୍ଟିରେ ରଖି ସଂକ୍ରମଣର ଶୃଙ୍ଖଳା ଭାଙ୍ଗିବା ଏବଂ କମ ପୃଷ୍ଠପୋଷକତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରୁ ଛାଡୁଥିବା/ଚଳାଚଳ କରୁଥିବା କେତେକ ଦୂରଗାମୀ ଟ୍ରେନ ସହିତ ସ୍ଥାନୀୟ ମେମୁ / ପାସେଞ୍ଜର ଟ୍ରେନ୍ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ଭୁବନେଶ୍ୱରରୁ ନୂଆଦିଲ୍ଲୀ କୁ ଯାତ୍ରା କରୁଥିବା ରାଜଧାନୀ ବିଶେଷ ଟ୍ରେନ୍ ଗୁଡିକ ମଇ ମାସ ଶେଷ ପର୍ଯ୍ୟନ୍ତ ସପ୍ତାହକୁ ସବୁଦିନ ପରିବର୍ତେ ଦୁଇଦିନ ଚଳାଚଳ କରିବ । ୦୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ସ୍ପେସାଲ ଭାୟା ଟାଟା ମଇ ୨୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ କେବଳ ମଙ୍ଗଳବାର ମାନଙ୍କରେ ନୂଆଦିଲ୍ଲୀ ଯାତ୍ରା କରିବ। ଫେରିବା ମାର୍ଗରେ ୦୨୮୨୪ ନୂଆ ଦିଲ୍ଲୀ-ଭୁବନେଶ୍ୱର ଭାୟା ଟାଟା ମଇ ମାସ ୨୨ ତାରିଖ ଠାରୁ ଜୁନ ମାସ ପହିଲା ମଧ୍ୟରେ କେବଳ ବୁଧବାର ମାନଙ୍କରେ ନୂଆଦିଲ୍ଲୀରୁ ଭୁବନେଶ୍ୱର ଫେରିବ। ଅବଶିଷ୍ଟ ଦିନ ମାନଙ୍କରେ ଏହି ଟ୍ରେନ ନୂଆ ଦିଲ୍ଲୀ ଠାରୁ ଭୁବନେଶ୍ୱରକୁ ବାତିଲ ରହିବ। ୦୨୮୨୫/୦୨୮୨୬ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ସ୍ପେଶାଲ ଭାୟା ଆନ୍ଧ୍ର ଓ ଭୁବନେଶ୍ୱର ଠାରୁ କେବଳ ରବିବାର ଦିନ ଏବଂ ନୂଆ ଦିଲ୍ଲୀରୁ କେବଳ ସୋମବାର ଦିନ ଚଳାଚଳ କରିବ । ଏହି ଟ୍ରେନ୍ ୨୬ ମଇ ଦିନ ଭୁବନେଶ୍ୱରରୁ ଏବଂ ୨୮ ମଇ ୨୦୨୧ ଦିନ ନୂଆଦିଲ୍ଲୀରୁ ବାତିଲ ରହିବ। ୦୨୮୫୫/୦୨୮୫୬ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ସ୍ପେସାଲ ଭାୟା ସମ୍ବଲପୁର ସିଟି ଏବଂ ରାଉରକେଲା ମଇ ମାସ ୨୨ ଓ ୨୯ ତାରିଖ ଦିନ ଭୁବନେଶ୍ୱରରୁ ଏବଂ ମଇ ମାସ ୨୩ ଓ ୩୦ ତାରିଖ ଦିନ ନୂଆଦିଲ୍ଲୀରୁ ବାତିଲ ରହିବ । ଏହା ବ୍ୟତୀତ ୦୨୮୮୨/୦୨୮୮୧ ଭୁବନେଶ୍ୱର-ପୁଣେ-ଭୁବନେଶ୍ୱର ସ୍ପେଶାଲ୍ ଭୁବନେଶ୍ୱରରୁ ୨୫ ମଇରେ ଏବଂ ପୁଣେରୁ ୨୭ ମଇ ରେ ବାତିଲ୍ ରହିବ । ୦୨୦୯୭/୦୨୦୯୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସ୍ପେଶାଲ୍ ଭୁବନେଶ୍ୱରରୁ ୨୧ ରୁ ୩୧ ମଇ ମଧ୍ୟରେ ଏବଂ ଜୁନାଗଡ଼ ରୋଡ୍ ଠାରୁ ୨୨ ମଇରୁ ୧ ଜୁନ୍ ମଧ୍ୟରେ ବାତିଲ୍ ରହିବ । ୦୮୪୩୩/୦୮୪୩୪ ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର ସ୍ପେଶାଲ୍ ଭୁବନେଶ୍ୱରରୁ ୨୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ୍ ରହିବ ।

## ଜଟିଳ ହେଉଛି ବାଲେଶ୍ୱରର କରୋନା ସ୍ଥିତି
## ଦିନକରେ ୫୨୪ ନୂଆ ସଂକ୍ରମିତ ଚିହ୍ନଟ

ବାଲେଶ୍ୱର,୨୦/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ବାଲେଶ୍ୱର ଜିଲ୍ଲାରେ ଦିନକୁ ଦିନ ବଢୁଥିବା କରୋନା ସଂକ୍ରମଣକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଚିହ୍ନଟ ହୋଇଥିବା ୧୧ ହଜାର ୪୯୮ ଜଣ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ୫୨୪ଜଣ ରହିଛନ୍ତି। ଚିହ୍ନଟ ବ୍ୟକ୍ତିଙ୍କ ମଧ୍ୟରେ ବାଲେଶ୍ୱର ସହରର ସହଦେବଖୁଣ୍ଟାରୁ ୮ଜଣ, ଜିଲା ମୁଖ୍ୟ ଚିକିତ୍ସାଳୟରୁ ୭ଜଣ, ଭୋଇସାହିରୁ ୫ଜଣ, ନୂଆବଜାରରୁ ୪ଜଣ, ସୁନହଟରୁ ୩ଜଣ, ମୋତିଗଞ୍ଜରୁ ୩ଜଣ, ବଟେଶ୍ୱରରୁ ୩ଜଣ, ଆଜିମାବାଦରୁ ୨ଜଣ, ବଡ଼ଖୁଆରୁ ୨ଜଣ, ମାନସିଂବଜାରରୁ ୨ଜଣ, ନେଳିଆବଗରୁ ୨ଜଣଙ୍କ ସମେତ ଦାମୋଦରପୁର, ଭାସ୍କରଗଞ୍ଜ, ଟୁଲଙ୍କସାହି, ସୁଏଲପୁର, ଶ୍ରୀକଣ୍ଠପୁର, ପଞ୍ଜିବାଗ, ମଲିକାଶପୁର, ମଠସାହି, ଖଲାସୀ ମହଲା, ଜେଲରୋଡ଼, ଅଙ୍ଗାରଗଡ଼ିଆ ଓ ଆକତପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିପରି ଜିଲାରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ବାହାନଗା ବ୍ଲକରୁ ସର୍ବାଧିକ ୨୧୫ ଜଣ, ସଦର ବ୍ଲକରୁ ୬୪ଜଣ, ରେମୁଣା ବ୍ଲକରୁ ୨୪ଜଣ, ଖଇରା ବ୍ଲକରୁ ୧୨ଜଣ, ଜଳେଶ୍ୱର ବ୍ଲକରୁ ୬୦ଜଣ, ସୋର ବ୍ଲକରୁ ୯ଜଣ, ବସ୍ତା ବ୍ଲକରୁ ଜଣେ, ନୀଳଗିରି ବ୍ଲକରୁ ୩୮ଜଣ, ଔପଦା ବ୍ଲକରୁ ୩୮ଜଣ ଓ ବାଲିଆପାଳ ବ୍ଲକରୁ ୧୨ଜଣ ବ୍ୟକ୍ତିଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ବାଲେଶ୍ୱର ପୌରାଞ୍ଚଳର ସହଦେବଖୁଣ୍ଟାରୁ ୮ଜଣ, ମୁଖ୍ୟ ଚିକିତ୍ସାଳୟରୁ ୭ଜଣ, ଭୋଇସାହିରୁ ୫ଜଣ, ବାହାନଗା ବ୍ଲକର କଲ୍ୟାଣୀରୁ ୭୨ ଜଣ, ନୂଆପୁରରୁ ୧୩ ଜଣ ଓ ଖରାସାହାପୁରରୁ ୯୯ ଜଣ, ବାଲିଆପାଳ ବ୍ଲକର ବଗଡ଼ାରୁ ୬ଜଣ, ଜଳେଶ୍ୱର ବ୍ଲକର ପାଇକସିଦାରୁ ୧୧ଜଣ, ସୁଗୋରୁ ୫ଜଣ, ଖଇରା ବ୍ଲକର ସୁଗୁଡ଼ାରୁ ୬ଜଣ, ନୀଳଗିରି ବ୍ଲକର ମିରିଗିଣିରୁ ୧୯ ଜଣ, ଔପଦା ବ୍ଲକର ଦରଖୁଲିରୁ ୯ଜଣ, ଈଶ୍ୱରପୁରରୁ ୫ଜଣ ଏବଂ ସଦର ବ୍ଲକର ଖାନନଗରରୁ ୧୪ ଜଣ ଏକକାଳୀନ ସଂକ୍ରମିତ ହେବା ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖାଯାଉଛି। ଅନ୍ୟପକ୍ଷରେ ଜିଲାର ୫୭ ବର୍ଷ ବୟସ୍କର ଜଣେ ପୁରୁଷ ବ୍ୟକ୍ତିଙ୍କର କରୋନାରେ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ଜିଲାରେ ମୃତ୍ୟୁ ସଂଖ୍ୟା ୧୦୮ରେ ପହଞ୍ଚିଛି। ବାଲେଶ୍ୱର ଜିଲାରେ ଅଦ୍ୟାବଧି ୨୦ ହଜାର,୫୨୩ ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସେହିଭଳି ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୩୧୩ ଜଣ କରୋନ ରୋଗୀ ସୁସ୍ଥ ହୋଇଥିବା ଏବେ ସୁଦ୍ଧା ୧୬,୯୩୯ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଏବେ ସୁଦ୍ଧା ସକ୍ରିୟ ଥିବା ୩,୬୮୯ ଜଣଙ୍କ ମଧ୍ୟରୁ ୩୪୦୨ଜଣ ଗୃହ ସଙ୍ଗରୋଧରେ ଏବଂ ୩୪୭ ଜଣ ଜିଲାର କୋଭିଡ ହସପିଟାଲ ଓ କୋଭିଡ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି।

## କରୋନା ସର୍ବେକ୍ଷଣରେ ଅସୁରକ୍ଷିତ ଅଙ୍ଗନବାଡ଼ି କର୍ମୀ !
## ନିରାପତ୍ତା ଉପକରଣ ଓ ପ୍ରୋତ୍ସାହନ ରାଶି ପ୍ରଦାନ ଦାବି



ବାଲେଶ୍ୱର,୨୦/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ଘର ଘର ବୁଲି କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରୁଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ନିରାପତ୍ତା ଉପକରଣ ଓ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ବାଲେଶ୍ୱର ଜିଲା ଅଙ୍ଗନବାଡ଼ି ଓ ସହାୟିକା ସଂଘ ଦାବି କରିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାମ୍ପ୍ରତିକ ସ୍ଥିତିରେ ଅଙ୍ଗନବାଡ଼ି କର୍ମୀମାନେ ନିଜର ଜୀବନ ଓ ପରିବାରକୁ ବିପନ୍ନ କରି କୋଭିଡ ପରିଚାଳନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। କୋଭିଡ ପରିଚାଳନାରେ କାର୍ଯ୍ୟରତ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନଙ୍କ ପାଇଁ ସମସ୍ତ ପ୍ରକାର ନିରାପତ୍ତା ବ୍ୟବସ୍ଥା କରାଯାଇଥିବା ବେଳେ ଅଙ୍ଗନବାଡ଼ି କର୍ମୀଙ୍କ ପ୍ରତି ସରକାରୀ ଉଦାସୀନତା ଦେଖାଯାଉଛି ବୋଲି ସଂଘର କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି। କର୍ମୀମାନେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଓ କରୋନା ଲକ୍ଷଣ ସର୍ଭେ କରୁଛନ୍ତି। ଏହା ଦ୍ୱାରା ସେମାନେ ବିପଦ ଯୁକ୍ତ ଥିବା ବେଳେ ସେମାନଙ୍କ ପାଇଁ ପରିବାର ଲୋକେ ବି ବିପନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଥିବା ସେମାନେ କହିଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ସେମାନ ପାଇଁ ନିରାପତ୍ତା ବ୍ୟବସ୍ଥା କିମ୍ବା ଆର୍ଥିକ ସହାୟତା ପ୍ରଦାନ କରାଯାଉ ନଥିବା ସେମାନେ କହିଛନ୍ତି। କରୋନାର ପ୍ରଥମ ଲହର ସମୟରେ କାର୍ଯ୍ୟ କରିଥିବା ସମସ୍ତ ଅଙ୍ଗନବାଡ଼ିକର୍ମୀଙ୍କୁ ସରକାରଙ୍କ ଘୋଷିତ ପ୍ରୋତ୍ସାହନ ଅଦ୍ୟାବଧି ମିଳିନଥିବା ବେଳେ ଏବେ ପୁଣି ସର୍ଭେ କାର୍ଯ୍ୟ ଅର୍ପଣ କରାଯାଇଛି। ତେବେ ତୁରନ୍ତ ସେମାନଙ୍କୁ ଉପକରଣ ଓ ଆର୍ଥିକ ସହାୟତା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି । ଏନେଇ ସଂଘର ସମ୍ପାଦିକା ଗୌରୀ ଦାସ ଓ ସଦର ଗ୍ରାମାଞ୍ଚଳ ପ୍ରୋଜେକ୍ଟର ନେତ୍ରୀ ଅନୁସୂୟା ଦଳେଇ ଜିଲା ସହକାରୀ ସମାଜ ମଙ୍ଗଳ ଅଧିକାରୀ ଲମ୍ବୋଦର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସମାଜସେବୀ ଭାସ୍କର ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଡେଲାଙ୍ଗ ବ୍ଲକର ହରିପୁରୁ ଠାରେ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଭାସ୍କର ଜେନାଙ୍କର ଆବକ୍ଷ ପ୍ରତିମୂର୍ତି ଉନ୍ମୋଚନ କରିଛନ୍ତି। ପବିତ୍ର ଐତିହାସିକ ଅରାଗଡ଼ ପର୍ବତ ପାଦଦେଶରେ ସ୍ୱର୍ଗତ ଜେନାଙ୍କର ଆବକ୍ଷ ପ୍ରତିମୂର୍ତି ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ରାଉତରାୟ କହିଥିଲେ ଯେ ଏ ଅଂଚଳର ବିକାଶ ପାଇଁ ସ୍ୱର୍ଗତ ଜେନାଙ୍କର ଅବଦାନ ଅତୁଳନୀୟ। ଏ ଅଂଚଳର ଦୁଇଟି ହାଇସ୍କୁଲ, ଗୋଟିଏ କଲେଜ, ରାସ୍ତା ନିର୍ମାଣ ଓ ବିଭିନ୍ନ ସାମୁହିକ କାର୍ଯ୍ୟରେ ସ୍ୱର୍ଗତ ଜେନାଙ୍କ ଭୂମିକା ପ୍ରଶଂସନୀୟ। ସମାଜର ଦୁର୍ଗତ ଲୋକ, ପ୍ରାକୃତିକ ଦୁର୍ବିପାକରେ କ୍ଷତିଗ୍ରସ୍ତ ଲୋକ ଏବଂ ଦିନ ଦରିଦ୍ରଙ୍କ ଙ୍କୁ ସେ ସଦାସର୍ବଦା ସାହାଯ୍ୟ କରନ୍ତି। ଐତିହାସିକ ଅରାଗଡ଼ା ପାହାଡ଼ର ବିକାଶ ଏବଂ ଏଠାରେ ଜଙ୍ଗଲ ସୃଷ୍ଟି କାର୍ଯ୍ୟ ମଧ ସେ କରାଇଥିଲେ। ତାଙ୍କର ଅବଦାନକୁ ଅଂଚଳବାସୀ ମନେ ରଖିବେ।

## ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ



ନୀଳଗିରି,୨୦/୦୫ (ନି.ପ୍ର): ଓଡ଼ିଶାର ସମ୍ଭାବ୍ୟ 'ୟସ୍' ବାତ୍ୟାର ମୁକାବିଲା ପାଇଁ ଆଜି ନୀଳଗିରି ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଭିଡିଓ କନଫରେନସି ମାଧମରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ନେଇ ଜିଲ୍ଲାପାଳଙ୍କ ସହ ନୀଳଗିରି ପ୍ରଶାସନ ଅଧିକାରୀମାନେ ଆଲୋଚନା କରିଛନ୍ତି । ଏହି ବୈଠକରେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ ଅଧକ୍ଷା ଜାନକୀ ସିଂ, ଉପଜିଲ୍ଲାପାଳ ହରିଷ୍ଚନ୍ଦ୍ର ଜେନା, ତହସିଲଦାର ଅଶେଷ କୁମାର ନାୟକ, ଏନ.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ, ବିଡିଓ ଅନିତା ନାୟକ, ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ସେମାନଙ୍କୁ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବୈଠକରେ ବାତ୍ୟା ମୁକାବିଲା ନେଇ ଏକ ବ୍ଲୁପ୍ରିଣ୍ଟ ମଧ ପ୍ରସ୍ତୁତ କରାଯାଇଛି । ଆସନ୍ତା ୨୨ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ୭୨ଘଣ୍ଟା ମଧ୍ୟରେ ଏହା ଧିରେ ଧୀରେ ଘନିଭୂତ ହୋଇ ସାମୁଦ୍ରିକ ଝଡ଼ରେ ପରିଣତ ହେବ। ଏହି ବାତ୍ୟା ଉତ୍ତର ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ କିମ୍ବା ଓଡ଼ିଶା ଉପକୂଳ ବାଲେଶ୍ୱର ଦେଇ ଆସନ୍ତା ୨୬ତାରିଖ ସନ୍ଧ୍ୟାରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ଯଶବନ୍ତ ମହାପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର,୨୦/୦୫ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କର ବଡ଼ ପୁଅ ଯଶବନ୍ତ ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ତଥା ସାଂସଦ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କର ବଡ଼ ପୁଅ ଯଶବନ୍ତ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ସ୍ୱର୍ଗତ ମହାପାତ୍ରଙ୍କ ପରେ ପ୍ରଥମେ ସାନ ପୁଅ ଏବଂ ତା' ପରେ ବଡ଼ ପୁଅ ତଥା ପରିବାରର ତିନି ଜଣ ସଦସ୍ୟଙ୍କ ଏତେ କମ୍ ଦିନରେ ଦେହାବସାନ ମୋତେ ବ୍ୟଥିତ କରିଛି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

## ସଚେତନତା ଓ ସ୍ୱଚ୍ଛତା ହିଁ ଆମକୁ ବ୍ଲାକ ଫଙ୍ଗସରୁ ସୁରକ୍ଷା ଦେଇ ପାରିବ : ଡ଼କ୍ଟର ପଲ୍ଲବୀ ମହାରଥୀ

କଟକ,୨୦/୦୫ (ନି.ପ୍ର): ସୋସାଇଟି ଟେଞ୍ଜରସ ହେଲ୍ପ ଡେସ୍କ ତରଫରୁ 'ବ୍ଲାକ ଫଙ୍ଗସ' ସମ୍ପର୍କିତ ଏକ ଆଲୋଚନା ଚକ୍ର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି। ସାରଦା ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପଲ୍ଲବୀ ମହାରଥୀ ଯୋଗ ଦେଇ ବ୍ଲାକ ଫଙ୍ଗସ କଣ କାହିଁକି କିପରି ବ୍ୟାପେ ସେ ସମ୍ପର୍କରେ ଆଲୋଚନା କରିବା ସହ ଏହା ମୁଖ୍ୟତଃ ମାଟି, ଖତ୍ ଏବଂ ଅପରିଷ୍କାର ସ୍ଥାନ ରେ ରହି ଥାଏ। ବିଶେଷ କରି ମଧୁମେହ,ରକ୍ତ କର୍କଟ, କିଡିନି ଜନିତ ସମସ୍ୟା ଥିବା ରୋଗୀ ଓ କୋଭିଡ ଆକ୍ରାନ୍ତ ମାନଙ୍କୁ ଏହି ରୋଗ ବ୍ୟାପି ଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆଖି, କାନ, ନାକ କୁ ଏହା ପ୍ରଥମେ ସଂକ୍ରମିତ ହେବ ସହ ଏହାର ଲକ୍ଷଣ, ପ୍ରତିକାର, ଚିକିତ୍ସା ସମ୍ପର୍କ ରେ ସୂଚନା ଦେବା ସହ ସଫା ସୁତୁରା, ନିୟମିତ ହାତ ଧୋଇବା, ନିଜ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦ୍ୱାରା ହିଁ ଏହି ରୋଗର ଆମେ ଦୃଢ଼ ମୁକାବିଲା କରି ପରିବା ବୋଲି ସେ ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ କୋଭିଡ ଓ ବ୍ଲାକ ଫଙ୍ଗସ ପରି ମହାମାରୀ କୁ ଆମେ କେବଳ ସଚେତନତା, ପରିଷ୍କାର ଓ ପରିଚ୍ଛନ୍ନତା ଦ୍ୱାରା ହିଁ ମୁକାବିଲା କରି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଚାଶ ଜଣ ଅଂଶ ଗ୍ରହଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ଶିବାନୀ ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସଂଗଠନ ସମ୍ପାଦକ ଅମ୍ଳାନ ବଡୁ ଓ ସୌମ୍ୟ ରଂଜନ ଶତପଥି ପରିଚାଳନା କରି ଥିବା ବେଳେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଶୁଭମ ଚୌଧୁରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ




ନୀଳଗିରି,୨୦/୦୫ (ନି.ପ୍ର): ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଓ ନୀଳଗିରି ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ସଜନାଗଡ଼ ସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ରବିନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଭିଡିଓ କନଫରେନସ ମାଧମରେ ଉଦ୍‌ଘାଟନ କରିଥିଲେ । ଛାତ୍ର ବିଜେଡି ସଭାପତି ଫ୍ରାନସିସ ବେକେନ ସ ଙ୍କ ନେତୃତ୍ୱରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁର ଜିଲ୍ଲା ଅଧକ୍ଷ ସାଇରୋଲ ହକ୍, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶିମନ ଦାସ ମହାପାତ୍ର, ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ ଲେଙ୍କା, ସରପଞ୍ଚ ସବିତା ଖାଲପାଳିଆ, ରବିନ୍ଦ୍ର ନାୟକ, ପ୍ରଦୀପ ଖାଲପାଳିଆ, ସୁଜିତ କୁମାର ରଣାସିଆ, ଚନ୍ଦନ କୁମାର ଖଣ୍ଡେଇ, କାଳନ୍ଦ୍ରୀ ମଲିକ, ମୁକ୍ତିକାନ୍ତ ଖଣ୍ଡେଇ, ପରେଶ ବେହେରା, ସୁରେଶ ପାତ୍ର, ଅଜିତ ରଣାସିଆ, ଦିଲ୍ଲୀପ ଖଣ୍ଡେଇ, ସମ୍ଭୁନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୧୧୨୦ ପଜିଟିଭ୍, ୯୨୮ ସୁସ୍ଥ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ଭୁବନେଶ୍ୱରରେ କରୋନା ସଂକ୍ରମଣରେ କମିବା ବଢିବା ଲାଗି ରହିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଗତକାଲି (ବୁଧବାର) ୯୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଜି (ଗୁରୁବାର) ଆଉ ୧୧୨୦ ପଜିଟିଭ୍ କେସ୍ ରହିଛି। ସେଥିରୁ ୧୫୯ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୯୬୧ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୯୨୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ଏବଂ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଡୁମଡୁମାରୁ ସର୍ବାଧିକ ୫୦ ଜଣ , ଖଣ୍ଡଗିରିରୁ ୪୩ ଜଣ, ଓଲ୍ଡ ଟାଉନ୍ ଓ ନୟାପଲ୍ଲୀରୁ ୪୨ ଜଣ ଲେଖାଏଁ, ପଟିଆରୁ ୪୦ ଜଣ, ବଡଗଡରୁ ୩୯ ଜଣ, ଲକ୍ଷ୍ମୀସାଗରର ୩୪ ଜଣ, ଝାରପଡାରୁ ୨୬ ଜଣ, ଚନ୍ଦ୍ରଶେଖରପୁରରୁ ୨୫, ମଂଚେଶ୍ୱରରୁ ୨୪ ଜଣ, ନିଳାଦ୍ରୀବିହାର ଓ ବରମୁଣ୍ଡାରୁ ୨୩ ଜଣ ଲେଖାଏଁ , ପାତ୍ରପଡା , ୟୁନିଟ୍ ୮ ଓ ସୁନ୍ଦରପଦାରୁ ୨୦ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ଚିନ୍ତାମଣିଶ୍ୱରରୁ ୧୫ ଜଣ, ୟୁନିଟ୍ ୮ରୁ ୧୨ ଜଣ, ପଟିଆରୁ ୧୦ , ଓଲ୍ଡଟାଉନ୍ ରୁ ୮ ଜଣ , ନୟାପଲ୍ଲୀ ଓ ଝାରପଡାରୁ ୭ ଜଣ ଲେଖାଏଁ , ବରମୁଣ୍ଡା ଓ ରସୁଲଗଡରୁ ୬ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୫୬୯୪ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୫୨୮୩୯ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୨୫୩୦ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୦୪ ରହିଛି।

## ବିଭିନ୍ନ ଦାବି ନେଇ ସିପିଏମ୍‌ର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ



ଜଳେଶ୍ୱର,୨୦/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ସମ୍ମୁଖରେ ସିପିଆଇ(ଏମ୍) ଲୋକାଲ କମିଟି ପକ୍ଷରୁ ଏକ ପ୍ରତିବାଦ ବିକ୍ଷୋଭ ଆଜି ଗୁରୁବାର କୋଭିଡ୍ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇ ଯାଇଛି । କରୋନା ମୁକାବିଲା ଲାଗି ସର୍ବଦଳୀୟ ବୈଠକ ଡାକିବା, ସାର୍ବଜନୀନ ମାଗଣା ଟୀକାକରଣ କରିବା, ଅଫ୍‌ଲାଇନ୍‌ରେ ପଂଜିକରଣ, ପେଟ୍ରୋଲ, ଡିଜେଲ ଦରବୃଦ୍ଧିକୁ ରୋକିବା, ପ୍ରତ୍ୟେକ ପରିବାରକୁ ୭୫୦୦ଟଙ୍କା ପ୍ରଦାନ ସହିତ ରେସନ୍ ସାମଗ୍ରୀ ଯୋଗାଇବା, ବିଦ୍ୟୁତ୍ ଓ ଜଳ କର ଛାଡ କରିବା, ଜଳେଶ୍ୱରରେ କୋଭିଡ୍ କେୟାର ସେଣ୍ଟର ଖୋଲିବା, ଚାଷୀଙ୍କ ଠାରୁ ସରକାରୀ ମଣ୍ଡିରେ ଧାନ କ୍ରୟ କରିବା ପ୍ରଭୃତି ୧୯ ଦଫା ସମ୍ବଳିତ ଏକ ଦାବି ପତ୍ର ବିଡିଓ ଦିପ୍ତିରଂଜନ ସେଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଦାବି ଗୁଡିକ ପ୍ରତି ସରକାର କର୍ଣ୍ଣପାତ ନ କଲେ ଭବିଷ୍ୟତରେ ଆନ୍ଦୋଳନକୁ ତିବ୍ର କରାଯିବ ବୋଲି ଚେତାବନି ଦିଆଯାଇଛି। ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଶିଶିର ହୁଇ, ସିତାଂଶୁ ସେନାପତି, ଦୀପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ଦିଲ୍ଲିପ ପରିଡା, ପଲ୍‌ଟୁ ଦାସ, ରତନ ଦାସ, ରବିନ୍ଦ୍ର ବାରିକ, ଜିବନ ପରିଡା, ଗଣେଶ ଭୂୟାଁ, ରାମଚନ୍ଦ୍ର ଦେ, ସେକ୍ ଅବଦୁଲ ସାଦ୍ଦିକ, ଲକ୍ଷ୍ମୀଧର ପଲାଇ, ଇସାନୀ ଷଡଙ୍ଗୀ, ମମି ପଣ୍ଡା, ସବିତା ଭୂୟାଁ, ରାଜିବ୍ ପଣ୍ଡା, ଚନ୍ଦନ ଶତପଥି, ରାଜକୁମାର ଆଚାର୍ଯ୍ୟ, ଧୀରେନ୍ ଦେ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ୨୪ ଘଂଟାରେ ସୁସ୍ଥ ହେଲେ ୯୮୭୦ ଜଣ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ଆଉ ୯୮୭୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ୫୬ ହଜାର ୫୦୧କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬୭୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାରୁ ୭୮୯, ନୂଆପଡ଼ାରୁ ୬୫୦, କଟକରୁ ୬୪୬, ଅନୁଗୁଳରୁ ୫୯୨, ବଲାଙ୍ଗୀରରୁ ୪୨୫, ଝାରସୁଗୁଡ଼ାରୁ ୩୫୭, ସମ୍ବଲପୁରରୁ ୩୫୬, ନବରଂଗପୁରରୁ ୩୫୪, ଗଂଜାମରୁ ୩୨୫, ବାଲେଶ୍ୱରରୁ ୩୧୩, ବରଗଡ଼ରୁ ୨୬୪, ଜଗତସିଂହପୁରରୁ ୨୩୩, ମୟୂରଭଂଜରୁ ୨୨୩, କଳାହାଣ୍ଡିରୁ ୨୧୫, ବୌଦ୍ଧରୁ ୨୧୪, ସୁବର୍ଣ୍ଣପୁରରୁ ୨୦୫ ଓ କେନ୍ଦୁଝରରୁ ୨୦୩ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି କୋରାପୁଟରୁ ୧୯୨, କେନ୍ଦ୍ରାପଡ଼ାରୁ ୧୮୫, ଯାଜପୁରରୁ ୧୮୪, ନୟାଗଡ଼ରୁ ୧୮୪, ରାୟଗଡ଼ାରୁ ୧୬୯, ଦେବଗଡ଼ରୁ ୧୧୮, ପୁରୀରୁ ୧୧୫, ଢେଙ୍କାନାଳରୁ ୧୦୨, ଗଜପତିରୁ ୧୦୦, କନ୍ଧମାଳରୁ ୮୬, ମାଲକାନଗିରିରୁ ୬୬, ଭଦ୍ରକରୁ ୫୨ ଓ ରାଜ୍ୟପୁଲରୁ ୨୮୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।

## କରୋନା ସମୟରେ ମହିଳା ଗ୍ରୁପ ମାନଙ୍କର ଋଣ କିସ୍ତି ସ୍ଥଗିତ ରଖିବାକୁ ଦାବି

ବାରିପଦା,୨୦/୦୫ (ନି.ପ୍ର): ମହିଳା ଗ୍ରୁପ ମାନେ ଘରୋଇ ଫାଇନାନ୍ସ ସଂସ୍ଥାରୁ ବ୍ୟବସାୟ କରିବା ନିମନ୍ତେ ଋଣ ଆଣି ସାପ୍ତାହିକ ବା ମାସିକ ଋଣ ପରିଶୋଧ କରିଥାନ୍ତି । ପ୍ରାଇଭେଟ ଫାଇନାନ୍ସ କମ୍ପାନୀ ଗୁଡିକ ମଧ୍ୟରେ ସ୍ୱନ୍ଦନା ସ୍ମୃତି ଫାଇନାନ୍ସ, ସମସ୍ତା ମାଇକ୍ରୋ ଫାଇନାନ୍ସ, ଉତ୍ତରଣ ମାଇକ୍ରୋ ଫାଇନାନ୍ସ, ସମ୍ବନ୍ଧ ମାଇକ୍ରୋ ଫାଇନାନ୍ସ, ଏସ.କେ.ଏସ. ମାଇକ୍ରୋ ଫାଇନାନ୍ସ, ଆଶା ମାଇକ୍ରୋ ଫାଇନାନ୍ସ ଆଦି ବିଭିନ୍ନ ସଂସ୍ଥାର ଗ୍ରୁପ ଲୋନ ଆକାରରେ ଟଙ୍କା ନେଇ ମହିଳା ଗ୍ରୁପ ମାନେ ଋଣ ପରିଶୋଧ କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ କରୋନା ଭଳି ମହାମାରୀ ସାରା ଦେଶରେ ମାତି ଚାଲିଛି ଏବଂ ମହିଳା ଗ୍ରୁପର କିଛି କିଛି ମେମ୍ବର ମାନେ ଏହି କୋରନା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ମଧ୍ୟ ରହିଛନ୍ତି। ତା ସହିତ ସରକାରଙ୍କର କଲଡାଉନ ଓ ସଟଡାଉନ ଯୋଗୁଁ ଗ୍ରୁପ ମାନେ କରୁଥିବା ସମସ୍ତ ପ୍ରକାର ବ୍ୟବସାୟ ବନ୍ଦ ହୋଇଯାଇଛି। କିନ୍ତୁ ଫାଇନାନ୍ସ କମ୍ପାନୀର ଲୋକମାନେ ଋଣ କିସ୍ତିମାଗି ବାରମ୍ବାର ମହିଳା ମାନଙ୍କୁ ନାନାଦି ମାନସିକ ଚାପ ଓ ସମସ୍ୟା ସୃଷ୍ଟି କରୁଛନ୍ତି। ଏପରି ପରିସ୍ଥିତିରେ ମହିଳା ମାନେ ନେଇଥିବା ଋଣ ପରିଶୋଧ କରିବାକୁ ଅକ୍ଷମ ହୋଇପଡିଛନ୍ତି । ତେଣୁ ବର୍ତ୍ତମାନ ମହିଳା ମାନଙ୍କ ପାଇଁ ଋଣ କିସ୍ତି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇ ପଡିଛି। ଏଣୁ ଋଣ ନେଇଥିବା ମହିଳା ମାନେ ଉକ୍ତ କମ୍ପାନୀ ମାନଙ୍କୁ ତାଙ୍କର ଏତାଦୃଶ ଋଣ ଆଦୟକୁ ବିରୋଧ କରିବା ସହିତ କରୋନା ପରିସ୍ଥିତି ସ୍ୱଭାବିକ ହେବା ପର୍ଯ୍ୟନ୍ତ ଉକ୍ତ ଋଣ କିସ୍ତିକୁ ୩ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିବା ଦିଗରେ ମଧୁବନ ଅଂଚଳର ମହିଳା ଗ୍ରୁପର ସଦଶ୍ୟା ମାନେ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିବାର ଜଣାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo